

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୨ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 May 2024

Vol.No. 35 ■ No.136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏବେ ପାକ୍ ଅଧୀକୃତ କଶ୍ମୀରର ପାଳି: ଅମିତ ଶାହ



କେନ୍ଦୁଝର, ୨୧/୫ (ନି.ପ୍ର): 'ମୋଦିଜୀ ଧାରା ୩୭୦କୁ ଉଚ୍ଛେଦ କରି କଶ୍ମୀରକୁ ସବୁ ଦିନ ପାଇଁ ଭାରତର କରି ଦେଇଛନ୍ତି। ଏବେ ପାଳି ହେଉଛି ପାକ୍ ଅଧିକୃତ କଶ୍ମୀର (ପିଓକେ)ର।' ଆଜି କେନ୍ଦୁଝରରେ ନିର୍ବାଚନୀ ସଭାରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଥିଲେ ଏହି କଥା। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସୁରକ୍ଷିତ ରଖିବାକୁ କାର୍ଯ୍ୟ କରୁଛନ୍ତି। ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ଉଚିତ ଥିଲା କି ନାହିଁ? ମୋଦିଜୀ ଧାରା ୩୭୦କୁ ଉଚ୍ଛେଦ କରି କଶ୍ମୀରକୁ ସବୁ ଦିନ ପାଇଁ ଭାରତର କରି ଦେଇଛନ୍ତି। ଏବେ ପାଳି ହେଉଛି ପାକ୍ ଅଧିକୃତ କଶ୍ମୀର (ପିଓକେ)ର। କଂଗ୍ରେସ ନେତା ମଣିଶଙ୍କର ଆୟର ଆମକୁ ଧମକ ଦେଉଛନ୍ତି ଯେ ପାକିସ୍ତାନ ପାଖରେ ପରମାଣୁ ବୋମା ଅଛି। ପାକ୍ ଅଧିକୃତ କଶ୍ମୀର କଥା ଆଦୌ ଉଠାଅ ନାହିଁ। ମଣିଶଙ୍କର ଆୟରଜୀ ଆପଣ ଯଦି ଡରୁଛନ୍ତି, ତା'ହେଲେ ଡରନ୍ତୁ। ରାହୁଲ ବାବା (ରାହୁଲ ଗାନ୍ଧି) ଯଦି ଡରୁଛନ୍ତି, ତା'ହେଲେ ଡରନ୍ତୁ। ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା, ଆମେ ଭୟ କରୁନା। ମୁଁ ଏଠାରେ ଆଜି ଆଦିବାସୀ ଭାଇଭଉଣୀଙ୍କ ନିକଟରେ ପୂରା ଦୃଢ଼ତାର ସହିତ କହୁଛି ଯେ ପାକ୍ ଅଧିକୃତ କଶ୍ମୀର ଆମର ଥିଲା, ଆମର ଅଛି ଓ ଆମେ ତାକୁ ନିଶ୍ଚିତ ହାସଲ କରିବୁ। କଂଗ୍ରେସ ଶାସନ କାଳରେ ପ୍ରତିଦିନ ବୋମା ବିସ୍ଫୋରଣ ହେଉଥିଲା। କେହି କିଛି କହୁ ନଥିଲେ। ଉରିରେ ପାକିସ୍ତାନ ଆକ୍ରମଣ କଲା। ଏହାର ୧୦ ଦିନ ପରେ ନରେନ୍ଦ୍ର ମୋଦି ଜବାବ ଦେଇଥିଲେ। ସର୍ଜିକାଲ ଷ୍ଟ୍ରାଇକ୍ ନିର୍ଦ୍ଦେଶ ଦେଇଥିଲେ। ପାକିସ୍ତାନ ଭିତରେ ପଶି ଆତଙ୍କବାଦୀମାନଙ୍କୁ ନିପାତ କରାଗଲା ବୋଲି ସେ କହିଛନ୍ତି। ଇଣ୍ଡି ମେଣ୍ଟକୁ ମଧ ଟାର୍ଗେଟ କରିଥିଲେ ଅମିତ ଶାହ। ଇଣ୍ଡି ମେଣ୍ଟକୁ ସେ ଘମଣ୍ଡିଆ ମେଣ୍ଟ ବୋଲି କହିଥିଲେ ଓ ସେମାନଙ୍କ ନେତା କିଏ ବୋଲି ପଚାରିଥିଲେ। ଇଣ୍ଡି ମେଣ୍ଟରେ ଥିବା ନେତାଙ୍କ ଭିତରୁ କେହି କ'ଣ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଇପାରିବେ ବୋଲି ଶ୍ରୀ ଶାହ ପ୍ରଶ୍ନ କରିଥିଲେ।

## ୪ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ



ଭୁବନେଶ୍ୱର, ୨୧/୫ (ନି.ପ୍ର): ବିଜେଡିରୁ ଇସ୍ତଫା ଦେଇଥିବା ୪ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ। ନିମାପଡ଼ା ବିଧାୟକ ସମୀର ଦାଶ, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ସାଏ ଓ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଜବାବ ତଲବ କରାଯାଇଛି। ୨୭ ତାରିଖ ସୁଦ୍ଧା ଉତ୍ତର ଦେବାକୁ ନୋଟିସରେ କୁହାଯାଇଛି। କାହିଁକି ବିଧାୟକ ପଦ ରଦ୍ଦ ନ ହେବ ପକ୍ଷ ରଖିବାକୁ ନୋଟିସରେ ଉଲ୍ଲେଖ ରହିଛି। ସରକାରୀ ଦଳ ମୁଖ୍ୟ ସଚେତକଙ୍କ ଆବେଦନ ଆଧାରରେ ନୋଟିସ ହୋଇଛି। ବାଚସ୍ପତିଙ୍କ ନିର୍ଦ୍ଦେଶରେ ନୋଟିସ କରିଛନ୍ତି ବିଧାନସଭା ସଚିବ ଏହି ୪ ଜଣ ବିଧାୟକ ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ଏନେଇ ଆବେଦନ କରିଥିଲେ। ଏହାପରେ ବାଚସ୍ପତିଙ୍କ ନିର୍ଦ୍ଦେଶରେ ୪ ଜଣ ବିଧାୟକଙ୍କୁ ନୋଟିସ୍ ହୋଇଛି। ଏହାପୂର୍ବରୁ ଭୁବନେଶ୍ୱର ଜୟଦେବ ବିଧାୟକ ଅରବିନ୍ଦ ଢାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକଙ୍କ ପଦ ରଦ୍ଦ ହୋଇଛି।

## କ୍ଷମା ପ୍ରାର୍ଥନା କଲେ ସମ୍ବିତ: ୩ ଦିନ ଉପବାସ ରହି ପଶ୍ଚାତାପ କରିବେ



ପୁରୀ , ୨୧/୫ (ନି.ପ୍ର): ବିଜେପିର ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ପ୍ରତିକିୟା ଦେବା ବେଳେ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କରେ ଭୁଲବଶତଃ ଏକ ଶବ୍ଦ ତାଙ୍କ ପାଟିରୁ ବାହାରି ଯାଇଥିଲା। ଯାହାକୁ ନେଇ ବିବାଦ ଉପୁଜିଥିଲା। ▶▶ପୃଷ୍ଠା ୭

## ୨୫ରେ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୧/୫ (ନି.ପ୍ର): ଆସନ୍ତାକାଲି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଦାନା ବାନ୍ଧିବ ଲଘୁଚାପ କ୍ଷେତ୍ର। ଏହା ଉତ୍ତର-ପୂର୍ବ ଦିଗରେ ଗତି କରି ଅଧିକ ଘନୀଭୂତ ହେବ। ୨୪ ତାରିଖ ସକାଳେ ଡିପ୍ରେସନ ବା ଅବପାତର ରୂପ ନେବ। ଏନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ କେନ୍ଦ୍ର। ଅବପାତର ପ୍ରଭାବରେ ରାଜ୍ୟରେ ୨୩ ତାରିଖରୁ ସମୁଦ୍ର ଅଶାନ୍ତ ରହିବ। ୨୫ ତାରିଖରେ ପ୍ରବଳ ବର୍ଷା ନେଇ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସମୁଦ୍ର ଭିତରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ୨୪ ଓ ୨୫ ତାରିଖରେ ରାଜ୍ୟର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ହୋଇପାରେ। ସମ୍ଭାବ୍ୟ ଲଘୁଚାପ ଓ ଅବପାତ ପ୍ରଭାବରେ ଦକ୍ଷିଣ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟାପ୍ରତି ୩୫ରୁ ୪୫ କିଲୋମିଟର ବା ବଢ଼ି ୫୫ କିଲୋମିଟର ଛୁଇଁପାରେ ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୁବନେଶ୍ୱରରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର, ୨୧/୫ (ନି.ପ୍ର): ଆସନ୍ତା ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ। ଭୁବନେଶ୍ୱର ସମେତ ୬ ଲୋକସଭା କ୍ଷେତ୍ରରେ ମତଦାନ ହେବ। ଏଥିପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱରରେ ୧୧ଶହ ୩୨ ବୁଥରେ ମତଦାନ ହେବ। ଏଥିରୁ ୪୨୧ଟି ସଖୀ ବୁଥ୍। ସେହିପରି ୧୪୫ଟି କ୍ରିଟିକାଲ ବା ସମ୍ବେଦନଶୀଳ ▶▶ପୃଷ୍ଠା ୭

## କାଲି ଆସୁଛନ୍ତି ଅରୁଣ ଗୋଭିଲ୍: ୨୩ରେ ଆସିବେ ନଡ୍ଡା ଓ ଯୋଗୀ





ଭୁବନେଶ୍ୱର, ୨୧/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ପରେ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପି ନେତା ତଥା ରାମାୟଣର ରାମ ଅରୁଣ ଗୋଭିଲ। ସେ ୪ଟି ସଭାରେ ଯୋଗଦେଇ ଲୋକ ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁଭୋଟ୍ ଭିକ୍ଷା କରିବେ। ଚମ୍ପୁଆ, ତେଲକୋଇ, ଢେଙ୍କାନାଳ ଓ ବାଲିପାଟଣାରେ ସଭାରେ ରାମ ଅରୁଣ ଗୋଭିଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ୨୩ ତାରିଖରେ ଓଡ଼ିଶା ଆସିବେ ପୁଣି ଆସିବେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା। କରଞ୍ଜିଆ, ଧାମନଗର, ବଡ଼ଚଣା ଓ ବାଲିକୁଦାରେ ତାଙ୍କର ସଭା ହେବ। ସେହିଦିନ ଅର୍ଥାତ ୨୩ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ଯୋଗୀ ଆଦିତ୍ୟନାଥ। ଚିଲିକା ଓ ସାଲେପୁର କୁଳିଆରେ ହେବାକୁ ଥିବା ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଜେପିର ବଡ଼ ବଡ଼ ଷ୍ଟାର ପ୍ରଚାରକଙ୍କ ଗସ୍ତକୁ ନେଇ ଉତ୍ସାହିତ ଅଛନ୍ତି ବିଜେପି କର୍ମକର୍ତ୍ତା।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

ରାୟଗଡ଼ା , ୨୧/୫ (ନି.ପ୍ର): ଆମ୍ବ ଗୋଟାଇବାକୁ ଯିବା ହେଲା କାଳ। ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ସାନମାଟିକଣା ପଞ୍ଚାୟତର ନାକଟିଗୁଡ଼ା ଗାଁରେ। ମୃତକ ହେଉଛନ୍ତି ସାଲାଇ ମାଝି। ସାଲାଇ ମାଝି (୩୫) ଆଜି ଗାଁ ନିକଟସ୍ଥ ଜଙ୍ଗଲକୁ ଆମ୍ବ ସଂଗ୍ରହ କରିବା ପାଇଁ ଯାଇଥିଲେ। ▶▶ପୃଷ୍ଠା ୭

## ମନୀଷ ସିସୋଦିଆଙ୍କ ହାଜତ ଅବଧି ୩୧ ଯାଏ ବଢ଼ିଲା



ନୂଆଦିଲ୍ଲୀ, ୨୧/୫ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଆପ୍ ନେତା ମନୀଷ ସିସୋଦିଆଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳି ନାହିଁ। ଆଜି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ହାଜତ ଅବଧିକୁ ପୁଣି ବୃଦ୍ଧି କରିଛନ୍ତି। ଏବେ ସେ ମେ' ୩୧ ଯାଏ ଜେଲ ହାଜତରେ ରହିବେ। ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଗତବର୍ଷ ଫେବୃଆରୀ ମାସରେ ସିସୋଦିଆଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସେ ବାରମ୍ବାର ଜାମିନ ଆବେଦନ କରୁଥିଲେ ହେଁ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏବେ ସେ ପୁଣି ୩୧ ଯାଏ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଇଡି ଆପ୍ ବସ୍ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ ଗିରଫ କରିଥିଲା। ସେ ୫୦ ଦିନ ପରେ ଚଳିତ ମାସ ୧୦ ତାରିଖରେ ଜାମିନରେ ମୁକୁଳିଛନ୍ତି। ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ସୁପ୍ରିମକୋର୍ଟ ଜୁନ ୧ ଯାଏ ଅନ୍ତରୀଣ ଜାମିନ ଦେଇଛନ୍ତି। ଜୁନ ୨ରେ ▶▶ପୃଷ୍ଠା ୭

## ରହସ୍ୟଘେରରେ ଇରାନ ରାଷ୍ଟ୍ରପତିଙ୍କ ମୃତ୍ୟୁ: ଦୁର୍ଘଟଣା ନା ହତ୍ୟା ଉଠୁଛି ପ୍ରଶ୍ନ



ନୂଆଦିଲ୍ଲୀ, ୨୧/୫ : ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ହଠାତ ମୃତ୍ୟୁ ଘଟଣା ଅନେକ ପ୍ରଶ୍ନ ଉଠାଇଛି । କେମିତି ହେଲା ଦୁର୍ଘଟଣା ପ୍ରକୃତରେ ଏହା ଏକ ଦୁର୍ଘଟଣା ଥିଲା ନା ହତ୍ୟା? ରଇସିଙ୍କ ମୃତ୍ୟୁ ପରେ କାହାକୁ ମିଳିବ ସବୁଠୁ ଅଧିକ ଫାଇଦା? କାହା ହାତକୁ ଆସିବ ସମଗ୍ର ଇରାନ କ୍ଷମତା ପାଇଁ ଏହା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ରର ଥିଲା କି? ଏଭଳି ଅନେକ ପ୍ରଶ୍ନ ଭିତରେ ଏବେ ଇରାନର ସୁପ୍ରିମଲିଡର ଆୟାତୁଲ୍ଲା ଖାମେନୀଙ୍କ ପୁଅ ମୋଜତାବାଙ୍କ ହାତ ଥିବା କୁହାଯାଉଛି । ଆୟାତୁଲ୍ଲାଙ୍କ ୮୫ବର୍ଷ ହେଲାଣି ଓ ସେ କର୍କଟ ରୋଗରେ ପୀଡିତ ଅଛନ୍ତି । ଏଭଳି ସ୍ଥିତିରେ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ ଚିନ୍ତାରେ ସୁପ୍ରିମଲିଡର । ଏବେ ସୁଦ୍ଧା ▶▶ପୃଷ୍ଠା ୭

## ଟିପ୍ପଣୀ ପାଇଁ ପୁଣି ଅଡୁଆରେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୨୧/୫ : ବଢ଼ିଲା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଅଡୁଆ । ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ବିବାଦୀୟ ଟିପ୍ପଣୀ ପାଇଁ ରାହୁଲଙ୍କୁ ମିଳିଛି ଜେରା ପାଇଁ ସମନ । ରାଂଚି ଏମପି-ଏମଏଲଏ କୋର୍ଟ ରାହୁଲଙ୍କୁ ଏହି ସମନ ଜାରି କରି ଜୁନ ୪ ପରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ମାମଲା ୨୦୧୮ ମସିହାର । ଏକ ସଭାରେ ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ନେଇ ଆପତ୍ତିଜନକ ଟିପ୍ପଣୀ କରିଥିଲେ । ଯାହାକୁ ବିରୋଧ କରି ବିଜେପି ନେତା ନବୀନ ଝା ରାଂଚି ସିବିଲ କୋର୍ଟରେ ମାମଲା ଦାଏର କରିଥିଲେ ।

## ଦଳୀୟ ନେତାଙ୍କ ବିରୋଧରେ ବିଜେପିର କଡ଼ା ଆଭିମୁଖ୍ୟ: ଭୋଟ ନଦେବାରୁ ବରିଷ୍ଠ ନେତା ଜୟନ୍ତ ସିହ୍ନାଙ୍କୁ ନୋଟିସ



ନୂଆଦିଲ୍ଲୀ, ୨୧/୫ : ଭୋଟ ନଦେବାରୁ ମିଳିଲା କାରଣ ଦର୍ଶାଅ ନୋଟିସ । ଦିଲ୍ଲୀ ହଜାରିବାଗ ବିଜେପି ଲୋକସଭା ସଦସ୍ୟ ପୂର୍ବତନ ଅର୍ଥରାଷ୍ଟ୍ରମନ୍ତ୍ରୀଙ୍କୁ କୈଫତ ତଲବ କରିଛି। ଦୁଇଦିନ ମଧ୍ୟରେ ଜବାବ ଦେବାକୁ ନୋଟିସରେ କୁହାଯାଇଛି । ଝାଡ଼ଖଣ୍ଡ ପ୍ରଦେଶ ବିଜେପି ପକ୍ଷରୁ ନୋଟିସ ଜାରି କରି କୁହାଯାଇଛି, ଝାଡ଼ଖଣ୍ଡ ହଜାରିବାଗ ଆସନ ପାଇଁ ଦଳ ନୂଆ ପ୍ରାର୍ଥୀ ବାଛିବା ପରେ ଦଳ ପ୍ରତି ଆପଣଙ୍କ ଆନୁଗତ୍ୟ କମ ହୋଇଛି । ଦଳର ସାଂଗଠନିକ କାର୍ଯ୍ୟ ଓ ପ୍ରଚାରରେ ଅଂଶଗ୍ରହଣ ନକରିବା ଆପଣଙ୍କ କମ ଆଗ୍ରହକୁ ପ୍ରକାଶ କରୁଛି । ମତଦାନ ସାବ୍ୟସ୍ତକୁ ଜରୁରୀ ମନେ କଲେନି । ଏହା ଦଳର ଭାବମୂର୍ତ୍ତିକୁ ଖରାପ କରୁଛି । ଦୁଇଦିନ ମଧ୍ୟରେ ସ୍ପଷ୍ଟୀକରଣ ଦିଅନ୍ତୁ । ତେବେ ଜୟନ୍ତଙ୍କ ପକ୍ଷରୁ ଏନେଇ କୌଣସି ଜବାବ ଏବେ ସୁଦ୍ଧା ମିଳିପାରିନି। ଚଳିତ ଲୋକସଭା ନିର୍ବାଚନ ଟିକେଟ ଘୋଷଣା ପୂର୍ବରୁ ବିଜେପି ନେତା ଜୟନ୍ତ ସିହ୍ନ କେନ୍ଦ୍ରୀୟ ନେତୃବୃନ୍ଦକୁ ସକ୍ରିୟ ରାଜନୀତିରୁ ଦୂରେଇ ▶▶ପୃଷ୍ଠା ୭

## ଆପ୍‌କୁ ବିଦେଶୀ ପାଣ୍ଠି ଅଡୁଆ: ଖଲିସ୍ତାନୀ ଆତଙ୍କି ସଂଗଠନଠୁ ପାଣ୍ଠି ନେଇଥିବା ଅଭିଯୋଗ




ନୂଆଦିଲ୍ଲୀ, ୨୧/୫ : ଆପର ପିଛା ଛାଡୁନି ବିବାଦ । ବିଦେଶୀ ପାଣ୍ଠି ଅଭିଯୋଗରେ ଫସିବା ପରେ ଦଳ ଏହା ପଛରେ ବିଜେପିର ହାତ ଥିବା କହିଛି । ସେପଟେ କଂଗ୍ରେସ ମଧ ଇଡିର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛି । ଖଲିସ୍ତାନି ସଂଗଂନ ଶିଖ ଫର ଜଷ୍ଟିସଠୁ ଆମ ଆଦମୀ ପାର୍ଟି ଚାନ୍ଦା ନେଉଥିବା ନିକଟରେ ଦିଲ୍ଲୀ ଉପରାଜ୍ୟପାଳ ବିନୟ ସକସେନା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ଗୃହମନ୍ତ୍ରାଳୟକୁ ଚିଠି ଲେଖିଥିଲେ । ଠିକ ଏହାର ୧୫ଦିନ ପରେ ଇଡିର ରିପୋର୍ଟ ଦଳ ପାଇଁ ବଡ ସମସ୍ୟା ଆଣିବା ସମ୍ଭାବନାକୁ ବଢ଼ାଇଛି। ମଦ ଦୁର୍ନିତି ମାମଲାରେ ଫସିଥିବା ଆମ ଆଦମୀ ପାର୍ଟି ପିଛା ଛାଡୁନି ବିବାଦ ।ଆପ ବିଭିନ୍ନ ଦେଶମାନଙ୍କଠୁ ମୋଟା ଅର୍ଥର ପାଣ୍ଠି ନେଇଥିବା ଇଡିର ରିପୋର୍ଟରେ ଦାବି କରାଯାଇଛି । ଗୃହମନ୍ତ୍ରାଳୟକୁ ଦେଇଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ଇଡିର ଅଭିଯୋଗକୁ ଖଣ୍ଡନ କରିଛି ଆମ ଆଦମୀ ପାର୍ଟି । ଏହା ପଛରେ ▶▶ପୃଷ୍ଠା ୭

# କୋୟା ସମାଜର ବାର୍ଷିକ ଉତ୍ସବ ବାଡ଼ସାତ ପାଣ୍ଡୁମ୍-୨୦୨୪ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୧/୫ (ନି.ପ୍ର): ମାଲକାନଗିରି ସଦର ମହକୁମା କୋୟା ଭବନ ଠାରେ ବାଡ଼ସାତ ପାଣ୍ଡୁମ୍ (ବାର୍ଷିକ ଉତ୍ସବ- ୨୦୨୪) ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କୋୟା ସମାଜ ସଭାପତି ମୁକୁନ୍ଦ ପଡ଼ିଆମି, ଆଦିବାସୀ କର୍ମଚାରୀ ସଂଘ ଜିଲ୍ଲା ସଭାପତି ଆନନ୍ଦ ମାଢ଼ି, ଜିଲ୍ଲା ମହିଳା ସଭାନେତ୍ରୀ ରୀନା ମାଢ଼ି, ରବୀନ୍ଦ୍ରନାଥ ମାଢ଼ି, ବ୍ଲକ୍ ସଭାପତି କାଳିମେଳା ବାଗା ମାଡ଼କାମୀଙ୍କ ସହ ସମସ୍ତ ବୁଦ୍ଧିଜୀବି, ସମାଜସେବୀ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ଜୁନ୍ ୮ ଓ ୯ତାରିଖରେ ବାଡ଼ସାତ ପାଣ୍ଡୁମ୍-୨୦୨୪ ପାଳନ କରିବା ପାଇଁ ସମସ୍ତଙ୍କ ସହମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏଥିସହ ଚଳିତ ଥର ଏହି କାର୍ଯ୍ୟକ୍ରମ ମାଲକାନଗିରି ବ୍ଲକ ଗୋରାଖୁଂଟା ସଦର ପଂଚାୟତ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ କରାଯିବ ବୋଲି ନିଷ୍ପତି ନିଆଯାଇଛି। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ କୋୟା ସମାଜ ସଂଗଠନର ବାର୍ଷିକ ଅଗ୍ରଗତିର ସବିଶେଷ ଆଲୋଚନା ସହ ନିଜ ପାରମ୍ପରିକ ସଂସ୍କୃତି, ପରମ୍ପରା, ରୀତିନୀତି, ଐତିହ୍ୟ, ଭାଷା ଓ ସମ୍ବିଧାନର ସୁରକ୍ଷା ସମ୍ବନ୍ଧିତ ଆଲୋଚନା କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ପ୍ରତ୍ୟେକ ବ୍ଲକ୍, ଅନ୍ୟାନ୍ୟ ଜିଲ୍ଲା ଓ ରାଜ୍ୟରୁ ମଧ୍ୟ ସମାଜସେବୀ, ବୁଦ୍ଧିଜୀବି ମାନେ ଉପସ୍ଥିତ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

# ୧୨ ଗ୍ରାମବାସୀ ଭୋଟ୍ ଦେଲେନି: ପାଣ୍ଡୁପଦର ବୁଥ୍‌ରେ ଭୋଟ୍ ଦେଲେ ଜଣେମାତ୍ର ବୃଦ୍ଧା

ଫୁଲବାଣୀ, ୨୧/୫ (ନି.ପ୍ର): ବିଭିନ୍ନ ସମସ୍ୟାର ସମାଧାନ ହୋଇ ନଥିବା ଅଭିଯୋଗରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ପାଣ୍ଡୁପଦର ଏବଂ ଖଜୁରୀପଡ଼ା ବ୍ଲକ୍‌ର ଜକ୍ରେଜୁ ବୁଥ୍‌ରେ ମୋଟ ୧୨ଟି ଗ୍ରାମର ବାସିନ୍ଦା ଭୋଟ୍ ବର୍ଜନ କରିଛନ୍ତି। ଗାଁକୁ ରାସ୍ତା ନିର୍ମାଣ, ସ୍କୁଲରେ ଶିକ୍ଷକ ପଦବି ପୂରଣ, ଗାଁକୁ ମୋବାଇଲ୍ ନେଟ୍‌ୱର୍କ, ପାନୀୟ ଜଳ ସମସ୍ୟାର ନିରାକରଣ, ଅଘୋଷିତ ବିଜୁଳି କାଟ ବନ୍ଦ କରିବା ଆଦି ଦାବିରେ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପବିଙ୍ଗିଆ ପଞ୍ଚାୟତର ୧୧ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଧାୟକ ଓ ସାଂସଦଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରିନାହିଁ ବୋଲି ପାଣ୍ଡୁପଦର ଗ୍ରାମ ମୁଖିଆ ଟିକେଶ୍ୱର ମଲିକ କ୍ଷୋଭର ସହ କହିଛନ୍ତି। ଏଣୁ ଏହାର ପ୍ରତିବାଦରେ ଆଜି ପାଣ୍ଡୁପଦର (୮୮ ନମ୍ବର ବୁଥ୍) ଅନ୍ତର୍ଗତ ପାଣ୍ଡୁପଦର, ଟାଲୁପଦର, ଡେଙ୍ଗାମାହା, କାମ୍ବାପଡ଼ା, ଜଗାରିପଦର, ବାହାଲପଦର, ଗୁଞ୍ଜିଖେଡ଼ା, ତୁରୁସୁଗା, ବାଡ଼ିନାଜୁ, ପେଡ଼ଡ଼ମାହା ଓ ବୁଡ଼ିଗୁଡ଼ା ଆଦି ୧୧ଟି ଗ୍ରାମର ଗ୍ରାମବାସୀ ଭୋଟ୍ ବର୍ଜନ କରିଥିଲେ। 'ରାସ୍ତା ନାହିଁ ତ ଭୋଟ୍ ନାହିଁ' ନାରା ଦେଇ ଏହିସବୁ ଗ୍ରାମର ଲୋକେ ଆଜି ଦିନ ତମାମ୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଣ୍ଡୁପଦର (୮୮ ନମ୍ବର ବୁଥ୍)ର ପ୍ରିଜାଇଡିଂ ଅଧିକାରୀ ଜଗବନ୍ଧୁ ଦଣ୍ଡସେନାଙ୍କ କହିବା ଅନୁସ ?ାରେ, ଏହି ବୁଥ୍‌ରେ ମୋଟ ୬୬୭ ଭୋଟର ଥିବାବେଳେ ଆଜି ସନ୍ଧ୍ୟା ୫ଟା ସୁଦ୍ଧା ମାତ୍ର ଜଣେ ମହିଳା ଭୋଟର ଭୋଟ୍ ଦେଇଥିଲେ। ବୁଥ୍‌ରେ ଗହଳିଚହଳି ଦେଖିବାକୁ ମିଳି ନଥିଲା। ଏଠାରେ ଜଣେ ମାତ୍ର ବୃଦ୍ଧା ଆସି ଭୋଟ୍ ଦେଇଥିଲେ। ସେହିଭଳି ଶିକ୍ଷାନୁଷ୍ଠାନର ବିକାଶ, ରାସ୍ତାଘାଟର ବିକାଶ ଏବଂ ପାନୀୟଜଳ ସମସ୍ୟାର ସମାଧାନ ଦାବିରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତର ଜକ୍ରେଜୁ ଗ୍ରାମବାସୀ ମଧ୍ୟ ଭୋଟ ବର୍ଜନ କରିଛନ୍ତି। ଉପରୋକ୍ତ ତିନିଦଫା ଦାବିନେଇ ପୂର୍ବରୁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ପ୍ରତିବାଦରେ ଆଜି ଗ୍ରାମବାସୀ ଭୋଟ୍ ବର୍ଜନ କରିଥିଲେ।

# ଅବକାରି ଗୋଇନ୍ଦା ବିଭାଗର ଚଢ଼ଉ

ଜୟପୁର, ୨୧/୫ (ନି.ପ୍ର): ଜୟପୁର ସ୍ଥିତ ଅବକାରୀ ଗୋଇନ୍ଦା ବିଭାଗ ତରଫରୁ ଆଜି ଚଢଉ କରାଯାଇଛି । ଅବକାରି କମିଶନର ନରସିଂହ ଭୋଳ ଏବଂ ଡେପୁଟି କମିଶନର ଡମ୍ବରୁ ଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ଅବକାରି ଗୋଇନ୍ଦା ବିଭାଗ ଓଆଇସି ରଶ୍ମି ରଞ୍ଜନ ନାୟକଙ୍କ ଦ୍ୱାରା ଏକ ଟିମ ଚଢଉ କରିଥିଲା । ପୁଟ୍ରା, ହାଡିଆ, ଖଇରମୁଣ୍ଡି, କୁମୁଲିପୁଟ ଗ୍ରାମରେ ଚଢଉ କରାଯାଇଥିଲା । ପୁଟ୍ରା ଗ୍ରାମର କୃଷ୍ଣ ବିଷୋଇଙ୍କ ଠାରୁ ୬୦ ଲିଟର ଦେଶି ମହୁଲ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି କୁମୁଲିପୁଟ ଛକରୁ ଗୋବର୍ଦ୍ଧନା ଗଦବା ଠାରୁ ୯ ଲିଟର ମଦ ପେକେଟ ଜବତ କରି କୋର୍ଟ ଚାଲାଣ କରାଯାଇଛି । କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗ୍ରାମରୁ ଏକ ବାଇକରେ ୮୦ ଲିଟର ମଦ ପେକେଟ ଧରି ଜୟପୁର ସହରକୁ ଆସୁଥିବା ବେଳେ ଫାମ୍ପୁଣି ଗ୍ରାମ ଛକରେ ଅବକାରି ଗୋଇନ୍ଦା ବିଭାଗକୁ ଦେଶି ମଦ ଓ ବାଇକକୁ ଛାଡି ଚାଲାଣ କାରି ଚମ୍ପଟ ମାରିଛି। ଚମ୍ପଟ ମାରିଥିବା ଅଭିଯୁକ୍ତ କୁ ତୁରନ୍ତ ଗିରଫ କରାଯିବ ବୋଲି ଅବକାରି ଗୋଇନ୍ଦା ଓଆଇସି ରଶ୍ମି ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା

ଜୟପୁର, ୨୧/୫ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବ୍ଲକ ସ୍ତରୀୟ ଜାତୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଯୋଗଦାନ କରିଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଏବଂ କ୍ରୀଡା ଶିକ୍ଷକ ନରେଶ ଷଡ଼ଙ୍ଗୀ କାଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିଲେ । ଜୟପୁର ବ୍ଲକ ସ୍ତରର ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗୀ ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ ଏବଂ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନେ ପୌର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟତ୍ରୀ ଶ୍ରୀମତୀ ନଳିନୀ ମହାପାତ୍ର ଏବଂ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ଉମୁରି ର କ୍ରୀଡ଼ା ଶିକ୍ଷକ ରତିଶ ରଞ୍ଜନସ୍ୱାଇଁଙ୍କ ତତ୍ୱାବଧାନରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ନିମନ୍ତେ ମନୋନୀତ ହୋଇଛନ୍ତି । ଏଥି ସହିତ କାଯ୍ୟକ୍ରମରେ ସହଯୋଗ କରିଥିଲେ ଶିକ୍ଷକ ବିଶ୍ୱରଂଜନ ଗୌଡ଼, ଦୁର୍ଗା ପ୍ରସାଦ ପାତ୍ର, ପ୍ରଭାକର ମହାରଣା, ଶିକ୍ଷୟତ୍ରୀ ପ୍ରଭାତୀ ପାଣିଗ୍ରାହୀ, ପପିତା ପ୍ରଧାନ, ନାଗେଶ୍ୱର ରାଓ ଏବଂ ଏ. ମୂରଲୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରୁ ଆରମ୍ଭ ହେବ ବିକଶିତ ଭାରତର ସୂର୍ଯ୍ୟୋଦୟ: ବିଜେପି ମହିଳା ମୋର୍ଚ୍ଚା

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): କେନ୍ଦ୍ରାପଡାରୁ ଆରମ୍ଭ ହେବ ବିକଶିତ ଭାରତର ସୂର୍ଯ୍ୟୋଦୟ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାର ଅସ୍ମିତାକୁ ଆଖିଆଗରେ ରଖି ଓଡିଶାକୁ ପ୍ରାଧାନ୍ୟ ଦେବାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଛି । ଜି-୨୦ ସମ୍ମିଳନୀ ରେ କୋଣାର୍କ ଚକ୍ରର ଚିହ୍ନ ଓ ପାଇକ ବିଦ୍ରୋହର ଘଟଣାକୁ ପ୍ରାଧାନ୍ୟ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଯେଉଁସବୁ ଯୋଜନାମାନ ଆଣିଛନ୍ତି ସେସବୁ ମହିଳାମାନଙ୍କ ସମ୍ମାନ ସହ ଜୀବନଧାରଣ ଓ ଉଦ୍ୟମତା ପରିଭୁକ୍ତ । ଏନେଇ ଆଜି ଗରାପୁର ସ୍ଥିତ ଏକ ମଣ୍ଡପରେ ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ପ୍ରତୀ ପ୍ରତିଭା ଭୋଳ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ମହିଳା ମୋର୍ଚ୍ଚା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ଉପସ୍ଥିତ ରହି ବିଜେପିର ଲୋକପ୍ରିୟ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ସାରା ଦେଶରେ ଏଲ୍‌ପିଜି କଭ୍‌ରେଜ ୨୦୧୪ ମସିହାରେ ୧୪.୫୨ ପ୍ରତିଶତ ଥିବାବେଳେ ୨୦୨୩ ମସିହାରେ ତାହା ୩୧.୫୪ ପ୍ରତିଶତକୁ ବୃଦ୍ଧି ପାଇଛି । ତିନି ତଲାକର ଅପରାଧିକରଣ ମୁସଲିମ ମହିଳାଙ୍କ ସମ୍ମାନ ଓ ସୁରକ୍ଷା କରୁଛି । ମହିଳାଙ୍କ ନାମରେ ୨୮ କୋଟିରୁ ଅଧିକ ଜନଧନ ଆକାଉ । ୪୭% ଷ୍ଟାଟଅପ୍‌ରେ ଅତିକମ୍‌ରେ ଜଣେ ମହିଳାଙ୍କୁ ନିର୍ଦ୍ଦେଶିକା ଭାବରେ ନିଯୁକ୍ତି କରାଯାଇଛି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୫୯ ପ୍ରତିଶତରୁ ଅଧିକ ଆକାଉ ଧାରୀ ମହିଳା ଉଦ୍ୟୋଗୀ । ଓଡିଶାର ମୁଖ୍ୟ ପରିଚୟ ଏହାର ଐତିହ୍ୟ ଓ ସଂସ୍କୃତି । ଏହାକୁ ଆଧାର କରି ଆମ ରାଜ୍ୟର ବିକାଶ ଦିଗରେ ଲକ୍ଷ୍ୟ ରଖିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡାବାସୀଙ୍କୁ ଆସନ୍ତା ନିର୍ବାଚନରେ କୈଣସି ପ୍ରଲୋଭନରେ ପ୍ରଲୋଭିତ ନହୋଇ କେନ୍ଦ୍ରାପଡା ବିଧାନସଭା ସାଂସଦ ପ୍ରାର୍ଥୀ ଭାବରେ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଭାବରେ କେନ୍ଦ୍ରାପଡା-ଗୀତାଞ୍ଜଳୀ ସେଠୀ, ଆଳି-କୃଷ୍ଣଚନ୍ଦ୍ର ପଣ୍ଡା, ପାଟକୁରା-ତେଜେଶ୍ୱର ପରିଡା, ମହାକାଳପଡା-ଦୂର୍ଗାପ୍ରସନ୍ନ ନାୟକ, ମାହାଙ୍ଗା-ସୁମନ୍ତ ଘଡେଇ, ସାଲେପୁର-ଅରିନ୍ଦମ ରାଏ, ରାଜନଗର-ଲଳିତ ବେହେରାଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରାଇବା ପାଇଁ ପ୍ରାର୍ଥୀମାନେ ନିବେଦନ କରିଥିଲେ । ଷ୍ଟାଟଅପ୍ ଇଣ୍ଡିଆ ଅଧିନରେ ୮୧% ମହିଳା ଉଦ୍ୟୋଗୀ, ୨୦୧୯ରେ ୩.୨୩ କୋଟି ଗ୍ରାମୀଣ ପରିବାର ପାଖରେ ଟ୍ୟାପ୍ ଜଳ ସଂଯୋଗ ୨୦୨୩ରେ ୧୦ କୋଟି ନୂଆ ପରିବାର ଲକ୍ଷପତ ଦିଦି ଯୋଜନା, ମହିଳା ହେଲ୍ପଲାଇନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ୯.୬ କୋଟି ଏଲପିଜି ସଂଯୋଗ ମହିଳାଙ୍କୁ ଧୂଆଁରୁ ମୁକ୍ତି ଦେଇଛି, ମାତୃତ୍ୱ ଅବକାଶ ଅବଧି ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି, ଜଳଜୀବନ ମିଶନ ଅଧିନରେ ୧୦କୋଟି ପରିବାରକୁ ଟ୍ୟାପ ପାଣି ସଂଯୋଗ, ସୁଭଦ୍ରା ଯୋଜନା ସହ ମହିଳାଙ୍କୁ ୫୦ହଜାର ଟଙ୍କାର ନିଃଶୁଳ୍କ ଭାଉଚର ପ୍ରତି ମହିଳା ୨ବର୍ଷ ଭିତରେ ଉପଯୋଗ କରିପାରିବେ । ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ବୀମା ଭାବରେ ୪ଲକ୍ଷ ଟଙ୍କା ପ୍ରତିବର୍ଷ ପ୍ରତି ପରିବାରକୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । କେନ୍ଦ୍ରାପଡାବାସୀ ବିଜେପିର ସମସ୍ତ ପ୍ରାର୍ଥୀଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ୍‌ଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀ କୁ ମିଡିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ ପରିଚାଳନା କରିଥିଲେ ।

# ଛୋଟ ଛୁଆଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଶିଶୁ ଶ୍ରମିକ ଭାବରେ ବ୍ୟବହାର: କାର୍ଯ୍ୟାନୁଷ୍ଠାନ ଦାବି

ବଲାଣି, ୨୧/୫ (ନି.ପ୍ର): ଶିଶୁଙ୍କ ସୁରକ୍ଷା ଓ ଅଧିକାରକୁ ନେଇ ସମ୍ବିଧାନ ରେ ବିଭିନ୍ନ ସାମ୍ବିଧାନିକ ଅଧିନୟମ ରହିଛି । ଏହି ଅଧିନିୟମ ଅନୁସାରେ ଛୋଟ ଛୁଆଙ୍କୁ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିବା ଅପରାଧ ବୋଲି ବିବେଚନା କରାଯାଇଛି । ଏହା ବ୍ୟତୀତ ନିର୍ବାଚନ ଆୟୋଗ ମଧ୍ୟ ନିର୍ବାଚନରେ କୌଣସି ଶିଶୁ କିମ୍ବା ଶିଶୁ ଶ୍ରମିକ ବ୍ୟବହାରକୁ ନେଇ ରୋକ ଲଗାଇଛନ୍ତି । ତେବେ ଚଳିତ ବର୍ଷ ଶିଶୁଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭିନ୍ନ ସମୟରେ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି । ତେବେ ଏହି ନିୟମକୁ ନିର୍ବାଚନରେ ଓହ୍ଲାଇଥିବା ବିଭିନ୍ନ ଦଳର ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀ ପାଳନ କରୁନଥିବା ପରିଲକ୍ଷିତ ହେଉଛି । ଦଳର ପୋଷ୍ଟର, ବ୍ୟାନର ଓ ବଡ଼ ବଡ଼ ହୋଡିଂ ଲଗାଇବା କାର୍ଯ୍ୟ ସହିତ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ଶିଶୁ ମାନଙ୍କୁ ବହୁଳ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହେଉଛି । ଚମ୍ପୁଆ ବିଧାନ ସଭା କ୍ଷେତ୍ରର ବିଭିନ୍ନ ସ୍ଥାନ ସମେତ ସୀମାନ୍ତ ବଲାଣି ଖଣି ଅଞ୍ଚଳରେ ବିଭିନ୍ନ ଦଳର କୁଜି ନେତା ଅଳ୍ପ କିଛି ପାରିଶ୍ରମିକ ବଦଳରେ ଅସୁରକ୍ଷିତ ଢଙ୍ଗରେ ଶିଶୁ ଶ୍ରମିକଙ୍କୁ ବ୍ୟବହାର କରାଯାଉଥିବା ନେଇ ଦେଖା ଦେଇଛି । ଶିଶୁ ଶ୍ରମିକ ମାନେ ବିଭିନ୍ନ କାନ୍ଥ ବାଡ଼ରେ ଦଳୀୟ ପୋଷ୍ଟର ଲଗାଇବା ସହିତ ଅସୁରକ୍ଷିତ ଭାବରେ ବିଭିନ୍ନ ଗଛ, ବିଜୁଳି ଖୁଂଟ ଏବଂ ସୁଉଚ୍ଚ ଛାତରେ ଚଢି ବିଭିନ୍ନ ପ୍ରାର୍ଥୀଙ୍କ ବଡ଼ ବଡ଼ ହୋଡିଂ ଲଗାଉଥିବା ନେଇ ପରିଲକ୍ଷିତ ହେଉଛି । ତେବେ ଏପରି ଅପରାଧିକ ମାମଲା ପ୍ରତ୍ୟେହ ଘଟୁଥିବା ବେଳେ ବୁଦ୍ଧିଜୀବୀ ମହଲରେ ଏପରି ଘଟଣାକୁ ନିନ୍ଦା କରାଯାଉଛି । ନିର୍ବାଚନ ଆୟୋଗ ଦ୍ୱାରା ପଞ୍ଚାୟତ ସ୍ତର, ବ୍ଲକ ସ୍ତରରେ ନିଯୁକ୍ତ ନିର୍ବାଚନ ଅଧିକାରୀ ଏପରି ସମ୍ବେଦନଶୀଳ ଘଟଣା ପ୍ରତି ନଜର ଦେଇ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଆନ୍ଦୋଳନରେ ସିକ୍ୟୁରିଟି ଗାର୍ଡ଼

ମୁଖୀଗୁଡା, ୨୧/୫ (ନି.ପ୍ର): ଆନ୍ଦୋଳନରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ସୁରକ୍ଷା ଯୋଗାଇ ଆସୁଥିବା ସିକ୍ୟୁରିଟି ଗାର୍ଡ ବେତନ ଟଙ୍କା ହଡ଼ପ ସହ ଠିକ୍ ସମୟରେ ମାସିକ ବେତନ ପ୍ରଦାନ କରାଯାଉ ନ ଥିବା ଅଭିଯୋଗରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ସୁରକ୍ଷା ଦାଇତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ । ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲ୍ଲା ମୁଖିଗୁଡ଼ା ଠାରେ ଥିବା ବହୁ ମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ସୁରକ୍ଷା ଦାଇତ୍ୱ ପାଇଁ ମା ତାରିଣୀ ସିକ୍ୟୁରିଟି ସଂସ୍ଥା ଟେଣ୍ଡର ପାଇ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସିକ୍ୟୁରୀଟି ଗାର୍ଡ ନିଯୁକ୍ତ କରିଛି । ହେଲେ ସେହି ଗାର୍ଡ ମାନଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରୁନଥିବା ବେଳେ ବର୍ତମାନ ସମୟରେ ସରକାର ଶ୍ରମିକ ମାନଙ୍କ ପାଇଁ ୫୦୦ ଟଙ୍କା ମଜୁରୀ ଟଙ୍କା ବୃଦ୍ଧି କରିଛନ୍ତି । ହେଲେ ଓଏଚପିସି ଓ ସଂପୃକ୍ତ ସୁରକ୍ଷା ଦାଇତ୍ୱ ରେ ଥିବା ମାଁ ତାରିଣୀ ସିକ୍ୟୁରିଟି ସଂସ୍ଥାଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ନାଁ ପାରିଶ୍ରମିକ ଠିକ୍ ସମୟରେ ମିଳୁଛି ନାଁ ବୃଦ୍ଧି ହୋଇଥିବା ବେତନ ଟଙ୍କା ମିଳୁଛି। ଯାହାକୁ ନେଇ ଆଜି ନିଯୁକ୍ତ ଥିବା ସମସ୍ତ ଗାର୍ଡ ଆନ୍ଦୋଳନକୁ ଓହ୍ଲାଇବା ସହ ଓଏଚପିସି କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଯଥା ଶୀଘ୍ର ଅର୍ଥ ରାଶି ପ୍ରଦାନ ନ କଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଓଏଚପିସି ଉପ ସାଧାରଣ ପରିଚାଳକ ଅକ୍ଷୟ କୁମାର ସାହୁଙ୍କ ପଚାରିବାରୁ ଖୁବ୍ ଶୀଘ୍ର କର୍ମଚାରୀଙ୍କ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ଏନେଇ ମାଁ ତାରିଣୀ ସିକ୍ୟୁରିଟି ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

# ଚାରିଗାଁରେ କଂଗ୍ରେସର ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରିଗାଁ ପଂଚାୟତରେ କଂଗ୍ରେସର ନିର୍ବାଚନୀ ପ୍ରଚାର ଜୋରଦାର କରାଯାଇଛି । କଂଗ୍ରେସ ବିଧାୟିକା ପ୍ରାର୍ଥୀ ଡ଼ଃ ସିପ୍ରା ମଲିକଙ୍କ ସହ ପୂର୍ବତନ ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ଚିନ୍ମୟୀ ପ୍ରସାଦ ବେହୁରା, ଫକିର ଚରଣ ଖଟୁଆ, ବିଧୂଭୂଷଣ ମହାପାତ୍ର, ହଳଧର ସେଠୀ ପ୍ରମୁଖ ଉପସ୍ଥିତ ରହି ଚଳିତ ନିର୍ବାଚନ ରେ ଲୋକସଭା ପ୍ରାର୍ଥୀ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ବିଧାନସଭା ପ୍ରାର୍ଥୀ ସିପ୍ରା ମଲିକଙ୍କୁ ହାତ ଚିହ୍ନରେ ଭୋଟ ଦେଇ କଂଗ୍ରେସକୁ ବିଜୟୀ କରିବା ସହିତ ଦୁର୍ନିତିଗ୍ରସ୍ତ ବିଜେଡି ସରକାର କୁ ହଟାଇବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୀର୍ଘ ୨୫ ବର୍ଷ ହେଲା ରାଜ୍ୟରେ ବିଜେଡି ସରକାର ସମୟରେ ଦୁର୍ନିତି ଚରମ ସୀମାରେ ପହଁଚିଥିବା ବିଷୟରେ ପ୍ରାର୍ଥୀ ଡ଼ଃ ଶ୍ରୀମତୀ ମଲିକ ପ୍ରକାଶ କରିଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ନିର୍ବାଚନ ଗ୍ୟାରେଣ୍ଟି କାର୍ଡ କାର୍ଯ୍ୟକାରୀ କରିବା ସହ ହଜାର ହଜାର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଚାକିରୀ ଦେବା ସହ ଗରିବ ଖଟିକିଆ ଓ ମହିଳାମାନଙ୍କ ଉନ୍ନତି ପାଇଁ ବହୁ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବ ବୋଲି ମତବ୍ୟକ୍ତ କରିଥିଲେ ।

# କମ୍ବିଂ ବେଳେ ଗୁଳିଚାଳନା: ଜଣେ ଏସଓଜି ଯବାନ ଗୁଳି ବାଜି ଆହତ

ନୂଆପଡ଼ା, ୨୧/୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ସୀମାନ୍ତ ସୋସେଙ୍ଗ ଗ୍ରାମପଂଚାୟତ ଅନ୍ତର୍ଗତ ଶିବନାରାୟଣପୁର ଗ୍ରାମ ନିକଟରେ କମ୍ବିଂ ବେଳେ ଗୁଳି ଚାଳନା ହୋଇଅଛି । ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ଜଣେ ଏସଓଜି ଯବାନ ଗୁଳି ବାଜି ଆହତ ହୋଇଥିଲେ। ଆହତ ଯବାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାୟପୁର ରାମକୃଷ୍ଣ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି। ଯବାନ ଜଣକ ପ୍ରକାଶ ତାଇ ବୋଲି ଜଣାପଡ଼ିଛି। ସେ ସୁରକ୍ଷିତ ଥିବା ନେଇ ଏସପି ରାଘବେନ୍ଦ୍ର ଗୁଣ୍ଡଲା ରେଡ୍ଡି ସୂଚନା ଦେଇଛନ୍ତି।

# ନାବାଳିକାକୁ ଅଶାଳୀନ ବ୍ୟବହାର କରିଥିବା ଦୋଷୀକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୧/୫ (ନି.ପ୍ର): ନାବାଳିକାକୁ ଆଶାଳୀନ ବ୍ୟବହାର କରିଥିବା ମାମଲାର ଆଜି ଶୁଣାଣି ହୋଇଛି । ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସ କୋର୍ଟରେ ମାମଲାର ଶୁଣାଣି ହୋଇଛି । ଦୋଷୀ ସୁରେଶ ଖେମୁଣ୍ଡୁକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ୫ ଶହ ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି କୋର୍ଟ। ୨୦୨୧ ମସିହାରେ ଦାମନଯୋଜି ଥାନା ଅଂଚଳରେ ଘଟିଥିବା ନାବାଳିକାକୁ ଅଶାଳୀନ ଦୁର୍ବ୍ୟବହାର କରିଥିବା ମାମଲାର ବିଚାର କରି ୮ ଜଣ ସାକ୍ଷ୍ୟ ପ୍ରମାଣ ଓ ୧୩ଟି ଦସ୍ତାବିଜକୁ ଭିତି କରି ଆଜି ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସ କୋର୍ଟ ଦୋଷୀ ସୁରେଶ ଖେମୁଣ୍ଡୁକୁ ଦଣ୍ଡିତ କରିଛନ୍ତି । ଦୋଷୀକୁ ବିଭିନ୍ନ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ୫ ଶହ ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୯ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି । ଜୋରିମାନା ଟଙ୍କା ଆଦାୟ ହେଲେ ପିଡିତାଙ୍କୁ ଦେବାକୁ ନିର୍ଦ୍ଦେଷ ଦେଇଛନ୍ତି ଅଦାଲତ । ମାମଲାର ବିବରଣିରୁ ପ୍ରକାଶ ଯେ, ୫.୬.୨୦୨୧ ସଂନ୍ଧ୍ୟା ସମୟରେ ନାବାଳିକା ଘର ନିକଟସ୍ଥ ପଡିଆକୁ ଶୌଚ ହେବାକୁ ଯାଇଥିବା ସମୟରେ ଅଭିଯୁକ୍ତ ସୁରେଶ ଖେମୁଣ୍ଡୁ ନାବାଳିକାକୁ ଆଶାଳୀନ ଦୁର୍ବ୍ୟବହାର କରି ପାଖରେ ଥିବା ବୁଦାଆଡକୁ ନେଉଥିବା ସମୟରେ ନାବାଳିକା ପାଟି କରିଥିଲା । ପାଟି ଶୁଣି ନାବାଳିକାର ମା ଏବଂ ଅନ୍ୟ ମାନେ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ । ସେଠାରୁ ଅଭିଯୁକ୍ତ ସୁରେଶ ଦୌଡି ଚମ୍ପଟ ମାରିଥିଲା । ଏନେଇ ନାବାଳିକାର ପରିବାର ତରଫରୁ ଦାମାନଯୋଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ଶୁଣାଣି ହୋଇଛି । ଉକ୍ତ ମାମଲାରେ ସରକାରଙ୍କ ତରଫରୁ ସରକାରୀ ଓକିଲ ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

# ଅମ୍ଳାବାଟା ଗ୍ରାମରେ ଆଇନ ସଚେତନତା ଶିବିର

ଜୟପୁର, ୨୧/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୁଲ୍ୟରେ ଆଜି ଅମ୍ଳାବାଟା ଗ୍ରାମରେ "କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ହେଲ୍ପ ଲାଇନ ନମ୍ବର ୧୫୧୦୦ ଏବଂ ଅନ୍ୟାନ୍ୟ ସାହାଯ୍ୟ" ସମ୍ପର୍କିତରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଚାରପତି, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ-ତଥା- ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସୁମନ ଜେନା ଓ ଅମ୍ଳାବାଟା ଗ୍ରାମର ଗ୍ରାମବାସୀଙ୍କୁ ଉପସ୍ଥିତ ଥିଲେ । ଏହା ବ୍ୟତୀତ କଠିନ ବର୍ଜ୍ୟ ବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁକୁ କିପରି ଅଲଗା ରଖି ତାହାର ନିଷ୍କାସନ କରାଯାଇ ପାରିବ ତାହା ଉପରେ ବିସ୍ତୁତ ଭାବେ ଆଲୋଚନା କରୁଥିଲେ ଏବଂ ହେଲ୍ପ ଲାଇନ ନମ୍ବର ୧୫୧୦୦ ଓ ଅନ୍ୟାନ୍ୟ ସହାୟତା ବିଷୟରେ ମଧ ପ୍ରକାଶ କରିଥିଲେ । ଏତତ ବ୍ୟତୀତ କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ, ବାଲ୍ୟ ବିବାହ, ପ୍ରାକ ଗର୍ଭଧାରଣ ଓ ପ୍ରାକ ପ୍ରସୂତି ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ ) ଅଧିନିୟମ ଉପରେ ଅବଗତ କରିଥିଲେ । ପାରିବାରିକ ଘରୋଇ ହିଂସା, ଯୌତୁକ ନିର୍ଯ୍ୟାତନା, ଲିଙ୍ଗ ଚୟନ ଏହିସବୁ କ୍ଷେତ୍ରରେ କିପରି ଜଣେ ମହିଳା ନିଜକୁ ସୁରକ୍ଷା କରିବେ ସେହି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ଆଇନ ସେବା ପ୍ରାଧିକରଣର ସଚିବ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିବା ସଙ୍ଗେ ସଙ୍ଗେ ଆଇନସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା, ମଧ୍ୟସ୍ଥତା ଓ ଆପୋସ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରିଥିଲେ।

# ବଲାଙ୍ଗିର ବିଧାନସଭା ଆସନରେ ବିଭିନ୍ନ ଦଳୀୟ ପ୍ରାର୍ଥୀ ମତଦାନ କଲେ

ବଲାଙ୍ଗିର, ୨୧/୫ (ନି.ପ୍ର): ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ସକାଳୁ ଭୋଟଦାନ ଆରମ୍ଭ ହୋଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରୁ ଲକ୍ଷ୍ମୀନାରାୟଣ ପଡା ସ୍କୁଲ ବୁଥ ରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ସକାଳୁ ପ୍ରଥମେ ଆସି ନିଜ ମତଦାନ ଦେଇ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଥିଲେ। ପରେ ତାଙ୍କର ପୁତ୍ର କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜର ମତଦାନ କରିଥିଲେ। ବିଜେପି ଦଳର ବିଧାୟକ ପ୍ରାର୍ଥୀ ରୁଗୁଡ଼ି ପଡା ସ୍କୁଲରେ ହୋଇଥିବା ବୁଥ୍ ରେ ଗୋପାଳଜି ପାଣିଗ୍ରାହୀ ଆସି ନିଜର ମତଦାନ କରିଥିଲେ। ବଲାଙ୍ଗିର ମହିଳା ମହାବିଦ୍ୟାଳୟ ବୁଥରେ ବଲାଙ୍ଗିର ରାଜ ପରିବାରର ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ସପରିବାରେ ଆସି ଦୀର୍ଘ ସମୟ ଧରି ଲୋକଙ୍କ ସହିତ ଧାଡି ରେ ଠିଆ ହୋଇଥିଲେ। ଅନଙ୍ଗଙ୍କ ବଡପୁଅ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ତାଙ୍କର ଭାଇ ମନ୍ମଥ ସିଂହଦେଓ ଓ ତାଙ୍କର ମାତା ବିଜୟଲକ୍ଷ୍ମୀ ସିଂଦେଓ ମହିଳା ମାନଙ୍କ ଧାଡ଼ିରେ ଠିଆ ହୋଇ ଭୋଟଦାନ କରିଥିଲେ। ବଲାଙ୍ଗିର ସହର ମଧ୍ୟରେ ହୋଇଥିବା ସଖୀ ବୁଥ ଗୁଡିକ ରେ ଆଜି ସକାଳୁ ଇଭିଏମ ମେସିନ ଗୁଡିକ ପହଁଚି ଥିଲା ତାକୁ ଲଗାଇ ଆରମ୍ଭ କଲା ବେଳକୁ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି।

# ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଆଇନଜୀବୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଗରାପୁରସ୍ଥିତ ମଣ୍ଡପ ପରିସରରେ ଏକ ଆଇନଜୀବୀ ସମ୍ମିଳନୀ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ଏବଂ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ବାର୍ କାଉନସିଲ୍‌ର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଭାପତି ମିଳନ କାନୁନଗୋ, ସଂଯୋଜକ ମନୋଜ ବର୍ମା, ପୌରାଧକ୍ଷା ସରିତା ସାହୁ ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ଗଣେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନରେ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୋଡି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ଉପସ୍ଥିତ ଆଇନଜୀବୀ ଓ ବିଜେଡି ସମର୍ଥକମାନଙ୍କୁ ନିବେଦନ କରିଥିଲେ । ଜୁନ୍ ୧ ତାରିଖରେ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସମେତ ସମସ୍ତ ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀମାନଙ୍କୁ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଶ୍ରୀ କାନୁନଗୋ ନିବେଦନ କରିଥିଲେ । ଆଇନଜୀବୀ ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରଜସୁନ୍ଦର ରାଉତ ସ୍ୱାଗତ ଭାଷଣ, ରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ଆଇନଜୀବୀ ମମତାମୟୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ଭୀମସେନ୍ ପ୍ରଧାନ, ରାଜେଶ ମହାନ୍ତି, ତମସା ପାତ୍ର, ରମାକାନ୍ତ ସ୍ୱାଇଁ, ଶାନ୍ତିସ୍ୱରୂପ ଭୂୟାଁ, ଇତିହାସ ଲେଙ୍କା, ପ୍ରମୋଦ ସାମଲ, ଅଫସର ଅଲ୍ଲୀ ବକ୍ସ, ନିରଞ୍ଜନ ବଳ, ଅରୁଣ ପ୍ରସାଦ ଦାସ, ମାନସ ରଞ୍ଜନ ଧଳ, ସେକ୍ ମୁଜିବୁର ରହେମନ, ଦିଲ୍ଲୀପ କୁମାର ପରିଡା, ହରି ପ୍ରସାଦ କର, ଦୀପକ ପ୍ରଧାନ, ମହେଶ୍ୱର ବେହେରା, ସୁଶୀଲ ଦାସ, ଶିଶିର ମଲ୍ଲିକ, ସୁରେଶ ଚନ୍ଦ୍ର ନାୟକ, ହାଡିବନ୍ଧୁ ସିଂ, ଚୈତନ୍ୟ ମଲ୍ଲିକ, ନିରାକାର ପ୍ରଧାନ, ଭାବଗ୍ରାହୀ ପତି ସୁବାଷ ଭଦ୍ର, ମୋହନ ସାହୁ, ଧିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂ, ଅକ୍ଷୟପ୍ରିୟ ଦାସ, ରେଣୁବାଳା ସାମଲ, ଅଜୟ ମହାନ୍ତି, ବିକ୍ରମ ବାରିକ, ମୁକ୍ତାର ଖାଁ ପ୍ରମୁଖ ସଂକଳ୍ପ ନେଇଥିଲେ ।

# ପାମ୍ ତେଲ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଧାରଣା ଭୁଲ୍ !

**୫୦୦୦ ବର୍ଷରୁ ଅଧିକ ସମୟ ଧରି ପାମ୍ ତେଲର ବ୍ୟବହାର ରହିଆସିଛି। ବିଶେଷ କରି ପଶ୍ଚିମ ଆଫ୍ରିକାର ଅନେକ ଅଞ୍ଚଳରେ ଏହି ତେଲକୁ ଶତାବ୍ଦୀ ଧରି ଖାଇବା ତେଲ ଭାବେ ବ୍ୟବହାର କରାଯାଉଥିଲା। କିନ୍ତୁ ପାମ୍ ତେଲ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଅନେକଙ୍କ ଧାରଣା ରହିଛି।**

**ଏହି ତେଲ ଖାଇବା ଦ୍ୱାରା ଖଡଖ(ଖରାପ କୋଲେଷ୍ଟ୍ରଲ) ବୃଦ୍ଧି ପାଏ ଏବଂ ହୃଦୟ ରୋଗ ବିପଦ ବଢିଯାଏ ବୋଲି ଏକ ଧାରଣା ରହିଛି। ପାମ୍ ତେଲକୁ ନେଇ ଏପରି ଧାରଣା ଠିକ୍ ନା ଭୁଲ୍, ଜାଣନ୍ତୁ...**

ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ(ଓଉଗଜ) ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍ ଭାରତୀୟଙ୍କ ପୁଷ୍ଟିକର ଖାଦ୍ୟ ଗ୍ରହଣକୁ ଉନ୍ନତ କରିବା ପାଇଁ ତଥା ଏନସିଡି(ନନକମୁନିକେବଲ ଡିଜିଜ୍), ଯେପରିକି ମଧୁମେହ, ହୃଦରୋଗ, ଷ୍ଟ୍ରୋକ ଏବଂ ଶ୍ୱସନ ସମ୍ବନ୍ଧୀୟ ରୋଗକୁ କମାଇବା ପାଇଁ ଖାଦ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶଦାତା ଜାରି କରିଛି।

ଏହି ଖାଦ୍ୟପେୟ ନିର୍ଦ୍ଦେଶାବଳୀରେ ପାମ୍ ତେଲର ବ୍ୟବହାର ଉପରେ ଉଲ୍ଲେଖ କରାଯାଇଛି, ଯାହା ଖରାପ କୋଲେଷ୍ଟ୍ରେଲ ବୃଦ୍ଧି କରିଥାଏ ବୋଲି କୁହାଯାଏ।



*ପାମ୍ ତେଲର ସ୍ୱାସ୍ଥ୍ୟ ଉପକାରିତା:*

ପାମ୍ ଗଛର ଅଶୋଧିତ ମଞ୍ଜିରୁ ପାମ୍ ତେଲ ମିଳିଥାଏ। ଏଥିରେ ବିଟା-କାରୋଟିନ୍ (ଭିଟାମିନ୍ ଏ) ଭରପୂର ପରିମାଣରେ ଥାଏ। କିନ୍ତୁ ଅଶୋଧିତ ପାମ୍ ତେଲକୁ ବିଶୋଧନ କରିବା ପରେ ଏଥିରୁ କାରୋଟିନଗୁଡିକ ନଷ୍ଟ ହୋଇଯାଏ।

ଡାଏଟିସିଆନ୍ ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ନୀଲାଞ୍ଜନ ସିଂହ କହିଛନ୍ତି ଯେ, ଏହି ଉଦ୍ଭିଦ ଭିତ୍ତିକ ତେଲରେ କୋଲେଷ୍ଟ୍ରୋଲ୍ ନଥାଏ, ଦୀର୍ଘଦିନ ଧରି ଏପରି ଭୁଲ୍ ଧାରଣା ରହିଆସିଛି।

ସେ ଆହୁରି କହିଛନ୍ତି, ପାମ୍ ତେଲରେ ପ୍ରଚୁର ପରିମାଣରେ ଭିଟାମିନ୍-ଇ ଟୋକୋଟ୍ରିଏନୋଲ ଥାଏ, ଯାହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସହାୟକ ହେଉଥିବା ଆଣ୍ଟିଅକ୍ସିଡାଣ୍ଟ। ଏହାକୁ ବିଶେଷକରି ପ୍ୟାକେଜ୍ଡ ଫୁଡ୍ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଏଥିରେ ମନୋସାଚ୍ୟୁରେଟେଡ ଫ୍ୟାଟି ଏସିଡ (ଗଟରଇ) ପ୍ରଚୁର ପରିମାଣରେ ଥିବାରୁ ଏହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ।

ବିଭିନ୍ନ ଅଧ୍ୟୟନରେ ଦର୍ଶାଇଛି ଯେ, ପାମ୍ ତେଲରେ ଗଟରଇର ଉପସ୍ଥିତି କାରଣରୁ ଏହା ଐଡଖ (ଭଲ କୋଲେଷ୍ଟ୍ରଲ)କୁ ବୃଦ୍ଧି କରିବା ସହ ଖଡଖ (ଖରାପ କୋଲେଷ୍ଟ୍ରଲ)କୁ ନିୟନ୍ତ୍ରଣରେ ରଖି ଏକ ସୁସ୍ଥ କୋଲେଷ୍ଟ୍ରଲ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

ଏହା ବ୍ୟତୀତ ପାମ୍ ତେଲରେ ନଡ଼ିଆ ତେଲ ଅପେକ୍ଷା ଅଧିକ ଅନୁକୂଳ ଫ୍ୟାଟି ଏସିଡ୍ ରହିଛି, ଯାହା ୮୫%ରୁ ଅଧିକ ସାଚ୍ୟୁରେଟେଡ। ସେହିପରି ପାମ୍ ତେଲ ମେଦବହୁଳତା ଏବଂ ହୃଦରୋଗର ଆଶଙ୍କା ବଢାଇଥାଏ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ବୋଲି ସ୍ୱାସ୍ଥ୍ୟ ପରାମର୍ଶଦାତା ନୀଲାଞ୍ଜନ କହିଛନ୍ତି।

ସେହିପରି ନ୍ୟୁଟ୍ରିସନ ସ୍ପେସାଲିଷ୍ଟ ଡ. ଅରୁଣ କୁମାର କହିଛନ୍ତି, ପାମ୍ ତେଲ ହେଉ କି ଅନ୍ୟ କୌଣସି ତେଲ, ମଧ୍ୟମ ପରିମାଣରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

# ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

**ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।**

*ସିଝା ଅଣ୍ଡା:*

ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

*ପକୋଡି:*

ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଲୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

*ପାଣି:*

ଚା' ସହିତ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।

*ଲୁଣି ଖାଦ୍ୟ:*

ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।

*ଲେମ୍ବୁ:*

ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।












# ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି ? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

# ଲସି ପିଉଥିଲେ ସାବଧାନ

ଆପଣ ଯଦି ଲସି ପିଉଛନ୍ତି ତେବେ ଆଜିଠାରୁ ହୋଇଯାଆନ୍ତୁ ସାବଧାନ ! ଏହା ଆପଣଙ୍କ ଶରୀରକୁ ଅନେକ କ୍ଷତି ପହଞ୍ଚାଇପାରେ। କେବଳ ଏତିକି ନୁହେଁ, ଯଦି ଆପଣ ରାତିରେ ଶୋଇବା ପୂର୍ବରୁ ଲସି ପିଅନ୍ତି, ତେବେ ଏହା ଆପଣଙ୍କୁ ଅନେକ ଅସୁବିଧାରେ ମଧ୍ୟ ପକାଇପାରେ। ଆଜିର ଧାଁଦୌଡ ଜୀବନରେ, ଲୋକମାନେ ନିଜକୁ ସୁସ୍ଥ ରଖିବା ପାଇଁ କେବଳ ପୁଷ୍ଟିକର ଖାଦ୍ୟ ଖାଉ ନାହାଁନ୍ତି, ବରଂ ସେମାନେ ସେମାନଙ୍କର ପ୍ରିୟ ପାନୀୟ ମଧ୍ୟ ପିଇବାକୁ ପସନ୍ଦ କରୁଛନ୍ତି। ଉଦାହରଣ ସ୍ୱରୂପ, କିଛି ଲୋକ ଜଳଜୀରା ପିଉଛନ୍ତି ତ ଆଉ କିଛି ଲୋକ ଲସି ପିଇବାକୁ ପସନ୍ଦ କରୁଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଥିବାରୁ ଏହି ଅଭ୍ୟାସ ବଢିଯାଏ।

ଆପଣ ଯଦି ଖାଦ୍ୟ ଖାଇବା ପରେ ଲସି ପିଉଛନ୍ତି ତେବେ ଆଜିଠାରୁ ହୋଇଯାଆନ୍ତୁ ସାବଧାନ ! ଏହା ଆପଣଙ୍କ ଶରୀରକୁ ଅନେକ କ୍ଷତି ପହଞ୍ଚାଇପାରେ। କେବଳ ଏତିକି ନୁହେଁ, ଯଦି ଆପଣ ରାତିରେ ଶୋଇବା ପୂର୍ବରୁ ଲସି ପିଅନ୍ତି, ତେବେ ଏହା ଆପଣଙ୍କୁ ଅନେକ ଅସୁବିଧାରେ ମଧ୍ୟ ପକାଇପାରେ। ତେବେ ଖାଦ୍ୟ ଖାଇବା ପରେ ଲସି ପିଇବାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ହୋଇପାରେ ଆସନ୍ତୁ ଜାଣିବା।




*ସୁଗାର ବଢିପାରେ:*

ଡାକ୍ତରଙ୍କ ମତରେ ଯଦି ମଧୁମେହ ରୋଗୀ ଲସି ପିଅନ୍ତି, ତେବେ ଏହା ସେମାନଙ୍କର ସୁଗାର ସ୍ତରକୁ ବଢେଇଦିଏ। ଏପରି ପରିସ୍ଥିତିରେ, ଏହା ଆପଣଙ୍କ କିଡ୍‌ନୀ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇପାରେ। ତେଣୁ ମଧୁମେହ ରୋଗୀମାନେ ଲସି ପିଇବା ଠାରୁ ଦୂରେଇ ରହିବା ଉଚିତ।

*ଓଜନ ବଢିପାରେ:*

ଲସି ତିଆରି କରିବାରେ ଫ୍ୟାଟ୍ ମିଲ୍କ, ଚିନି, ଲୁଣ ଏବଂ ମସଲା ବ୍ୟବହୃତ ହୁଏ, ଯାହା ଆପଣଙ୍କ କ୍ୟାଲୋରୀ ଗ୍ରହଣ ଉପରେ ପ୍ରଭାବ ପକାଇପାରେ। ଏହି କାରଣରୁ ଶୀଘ୍ର ଓଜନ ବଢିପାରେ। ଏଥି ସହିତ ଲସିରେ ପ୍ରୋଟିନର ଉପସ୍ଥିତି ହେତୁ, ଆପଣ ଏହାକୁ ପିଇବା ପରେ ନିଦ ଆସିପାରେ ଆଉ ଶୋଇଯିବା ପରେ ଶରୀର ପାଇଁ ଏହାକୁ ହଜମ କରିବାରେ କଷ୍ଟକର ହୋଇପାରେ। ତେଣୁ ଶୋଇବା ପୂର୍ବରୁ ଲସି ପିଇବା ଠାରୁ ଦୂରେଇ ରହିବା ଉଚିତ।

*ଥଣ୍ଡା ଜର ହୋଇପାରେ:*

ଗ୍ରୀଷ୍ମ ଋତୁରେ, ଲୋକମାନେ ଥଣ୍ଡା ଲସି ପିଇବାକୁ ବେଶି ପସନ୍ଦ କରନ୍ତି। ଏହା କିନ୍ତୁ ଶରୀରରେ ମ୍ୟୁକସ ସୃଷ୍ଟି କରେ। ଯାହା ଫଳରେ କାଶ, କଫ, ଥଣ୍ଡା ଏବଂ ଜର ଭଳି ସମସ୍ୟା ସୃଷ୍ଟି କରିପାରେ।

*ଚର୍ମ ସମସ୍ୟା:*

କେବେବି ବହୁ ମାତ୍ରାରେ ଲସି ପିଅନ୍ତୁ ନାହିଁ। ଯଦି ଆପଣ ଲସି ପିଉଛନ୍ତି ତେବେ ଏହା ଆପଣଙ୍କର ଚର୍ମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଯେଉଁମାନଙ୍କର ଏକ୍ଜିମା ପରି ସମସ୍ୟା ଭୋଗୁଛନ୍ତି, ସେମାନେ ଲସି ପିଇବା ଠାରୁ ଦୂରେଇ ରହିବା ଉଚିତ।

# ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି



ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ? ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା।

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନାଗରିକଙ୍କ ଅଧିକାର ଓ ନିମ୍ନ ଅଦାଲତ...

ଅନ୍‌ଲାଇନ୍ ପୋର୍ଟାଲ ନ୍ୟୁଜ୍‌କ୍ଲିକ୍ ଡଟ୍ କମ୍ ପ୍ରତିଷ୍ଠାତା ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ମିଳିଛି ଜେଲ୍‌ରୁ ମୁକ୍ତି। ଦେଶର ସର୍ବୋଚ୍ଚ ଅଦାଲତ ତାଙ୍କ ଗିରଫ ଏବଂ ପୁଲିସ ରିମାଣ୍ଡକୁ 'ଆଇନ ଆଖିରେ ଅଯଥାର୍ଥ' ଭାବରେ ଗ୍ରହଣ କରିଛନ୍ତି ଏବଂ ତାଙ୍କୁ ଜେଲ୍‌ରୁ ମୁକ୍ତି ଦେବାକୁ ଆଦେଶ ଦେଇଛନ୍ତି। ଏହି ଆଦେଶ କେବଳ ଜଣେ ନାଗରିକ ଭାବରେ ଶ୍ରୀଯୁକ୍ତ ପୁରକାୟସ୍ଥଙ୍କୁ ତାଙ୍କର ମୌଳିକ ଅଧିକାରଗୁଡ଼ିକୁ ଫେରାଇ ଦେଇ ନାହିଁ, ବରଂ ତାଙ୍କର କଷ୍ଟାଡି ହାସଲ କରିବା ପାଇଁ ଦିଲ୍ଲୀ ପୁଲିସର ଗୋପନ ଉଦ୍ଦେଶ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ସରକାରଙ୍କର ଏକ ଚାଲ୍‌କୁ ଉନ୍ମୋଚନ କରିଛି ଯାହାକୁ ଏହା ସଫଳତାର ସହିତ ସମାଲୋଚକମାନଙ୍କ ମୁହଁ ବନ୍ଦ କରିବାକୁ ତଥା ଏହାଙ୍କର ଶତ୍ରୁ ମନେ ହେଉଥିବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡିତ କରିବାକୁ ଏମାନେ ପ୍ରୟୋଗ କରି ଆସୁଛନ୍ତି। ଗତ ଅକ୍ଟୋବର ମାସରେ କୋର୍ଟ ଏକ ରାୟରେ କହିଥିଲେ ଯେ ତଦନ୍ତକାରୀ ସଂସ୍ଥା ତାଙ୍କର ଗିରଫ କରିବା ଉପରେ ଉଠୁଥିବା ସନ୍ଦେହକୁ ମୋଚନ କରିବା ନିମନ୍ତେ ଗିରଫ କରିବାର ଆଧାର ପ୍ରକାଶ କରିବାକୁ ବାଧ୍ୟ, ଯେହେତୁ ତାହା ହେଉଛି ଆଇନର ଅଦାଲତରେ ତାଙ୍କ ପାଇଁ ନିଜକୁ ରକ୍ଷା କରିବାର ଏକମାତ୍ର ମାଧ୍ୟମ। କୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ ପଙ୍କଜ ବଂଶଲ ମାମଲାରେ ତାଙ୍କର ଆଦେଶନାମା, ଯାହା ସମ୍ବିଧାନର ଅନୁଚ୍ଛେଦ ୨୨(୧) ଅଧୀନରେ ଜଣେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ଅଧିକାରକୁ ସୁରକ୍ଷା ପ୍ରଦାନ କରୁଛି, ତାହା ଅନିବାର୍ଯ୍ୟ କରି ଦେଉଛି ଯେ 'କୌଣସି ବ୍ୟକ୍ତି ଯିଏକି ଗିରଫ ହୋଇଥିବେ, ଯେତେ ଶୀଘ୍ର ସମ୍ଭବ, ସେତେ ଶୀଘ୍ର ତାଙ୍କୁ ତାଙ୍କର ସେଭଳି ଗିରଫ ହେବାର ଆଧାର ସମ୍ପର୍କରେ ସୂଚନା ପ୍ରଦାନ କରା ନଯାଇ କଷ୍ଟଡିରେ ଅଟକାଇ ରଖାଯାଇ ପାରିବ ନାହିଁ, କାରଣ ଏହାଦ୍ୱାରା ତାଙ୍କୁ ତାଙ୍କ ନିଜ ପସନ୍ଦର ଜଣେ ପେସାଦାର ଆଇନଜ୍ଞଙ୍କ ସହିତ ଆଇନଗତ ପରାମର୍ଶ ନେବାରୁ ଏବଂ ନିଜକୁ ରକ୍ଷା କରିବାରୁ ବଞ୍ଚିତ କରାଯିବ' ଏହି କ୍ଷେତ୍ରରେ ମଧ୍ୟ ଉତ୍ତମ ରୂପେ କାର୍ଯ୍ୟକାରୀ ହୋଇଛି। କୋର୍ଟ ମଧ୍ୟ ଦିଲ୍ଲୀ ପୁଲିସର ଯୁକ୍ତିକୁ ଖାରଜ କରି ଦେଇଥିଲେ ଯାହା ଶ୍ରୀଯୁକ୍ତ ପୁରକାୟସ୍ଥଙ୍କୁ ଗିରଫ ବାବଦରେ କହିଥିଲା ଯେ ତାଙ୍କୁ 'ତାଙ୍କ ଗିରଫ ହେବାର କାରଣଗୁଡ଼ିକୁ ଜଣାଇ ଦିଆଯାଇଥିଲା' ଏବଂ ଗୁରୁତ୍ୱାରୋପ କରିଥିଲା ଯେ ଏହି ମାମଲାରେ 'ଗିରଫ କରାଯିବାର ଆଧାରଗୁଡ଼ିକ' ନିର୍ଦ୍ଦିଷ୍ଟ, ଯେଉଁଗୁଡ଼ିକ ଅଭିଯୁକ୍ତଙ୍କ ପାଇଁ କୌଣସି ପ୍ରକାରେ ସହାୟକ ହେବା ଭଳି ହୋଇଛି। କୋର୍ଟଙ୍କର ଶ୍ରେୟ ହେଉଛି, ଏହା ପଙ୍କଜ ବଂଶଲ ମାମଲାରେ ପ୍ରଦାନ କରିଥିବା ରାୟ ଅନୁସାରେ ଦିଲ୍ଲୀ ପୁଲିସର ଯୁକ୍ତିକୁ ଖାରଜ କରି ଦେଇଛନ୍ତି, ଯାହା ଅକ୍ଟୋବର ୩ ତାରିଖରେ ପ୍ରଦାନ କରାଯାଇଥିଲା ଏବଂ ତାହା ତା'ର ଦିନକ ପରେ ଶ୍ରୀଯୁକ୍ତ ପୁରକାୟସ୍ଥଙ୍କ ଗିରଫଦାରୀରେ ପରିସରଭୁକ୍ତ ହୋଇ ନଥିଲା। ନାଗରିକମାନଙ୍କୁ ସେମାନଙ୍କ ଅଧିକାରଗୁଡ଼ିକରୁ ବଞ୍ଚିତ କରିବା ପୂର୍ବରୁ ସରକାର ଏବଂ ତଦନ୍ତକାରୀ ସଂସ୍ଥାମାନଙ୍କ ପକ୍ଷରେ ବୈଷୟିକତାଗୁଡ଼ିକୁ, ଯଦି କିଛି ଥାଏ, ତା'ହେଲେ ସେସବୁକୁ ଯଥା ରୀତି ପାଳନ ନ କରିବା ଅଶୋଭନୀୟ। ଦୁର୍ଭାଗ୍ୟବଶତଃ, ବେଶ୍ କିଛି ସମୟ ହେବ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାମାନଙ୍କର ତାହା ହିଁ କାର୍ଯ୍ୟ କରିବାର ଧାରା ହୋଇ ରହି ଆସିଛି। ସେମାନେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଆଇନ (ୟୁଏପିଏ) ଏବଂ ମନି ଲଣ୍ଡରିଂ ପ୍ରତିରୋଧ ଆଇନ (ପିଏସ୍‌ଏଲ୍‌ଏ) ସମେତ ବିଭିନ୍ନ ପ୍ରକାରର ଆଇନଗୁଡ଼ିକର ଅପବ୍ୟବହାର କରି ଆସୁଛନ୍ତି, ସେହିସବୁ ଲୋକଙ୍କୁ ଗିରଫ ଓ ଦଣ୍ଡିତ କରିବା ନିମନ୍ତେ, ଯେଉଁମାନେ ସରକାରଙ୍କ ନୀତି ବା କାର୍ଯ୍ୟ ପଦ୍ଧତି ସହିତ ସହମତ ହୋଇ ପାରୁ ନାହାନ୍ତି। ଏହାର କାରଣ, ଏସବୁ ଆଇନ ଅତ୍ୟନ୍ତ କଠୋର, ବାସ୍ତବ କ୍ଷେତ୍ରରେ ଅସମ୍ଭବ ମଧ୍ୟ କରି ଦେଉଛି ଜାମିନ ପ୍ରଦାନକୁ, ପ୍ରତିରୋଧକାରୀ ଯେତେବେଳେ ଆବେଦନ କରୁଛନ୍ତି ସେଥିପାଇଁ। ଅପର ପକ୍ଷରେ, ଏଜେନ୍ସିମାନେ ଯେତେବେଳେ ଏହି ଆଇନଗୁଡ଼ିକୁ କାମରେ ଲଗାଇ କୌଣସି ବ୍ୟକ୍ତିଙ୍କୁ ଗିରଫ କରୁଛନ୍ତି, ସେମାନେ କ୍ୱଚିତ୍ ଏହି ଆଇନଗୁଡ଼ିକର ପଦ୍ଧତିଗୁଡ଼ିକୁ ଅନୁସରଣ କରୁଛନ୍ତି। ଏହା ମଧ୍ୟ ଅତ୍ୟନ୍ତ ପରିତାପର ବିଷୟ ଯେ ଏଭଳି ଏଜେନ୍ସିମାନଙ୍କ ଦ୍ୱାରା ଦାଏର କରାଯାଉଥିବା ମାମଲାଗୁଡ଼ିକ କ୍ଷେତ୍ରରେ ମାଜିଷ୍ଟ୍ରେଟ୍ ଏବଂ ବିଶେଷ ଅଦାଲତଗୁଡ଼ିକ ମଧ୍ୟ ସେହିସବୁ ବାସ୍ତବତାକୁ ଦେଖି ନାହାନ୍ତି ଯେ ଆଇନ ନିର୍ମାତାମାନେ ସମ୍ପୃକ୍ତ ଆଇନଗୁଡ଼ିକ ସହିତ ଯୋଡ଼ିଥିବା ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ଅଭିଯୁକ୍ତ ନାଗରିକଙ୍କ ପାଇଁ ଉପଲବ୍ଧ ହେଉଛି କି ନାହିଁ। ସ୍ମରଣ କରାଇ ଦିଆଯାଇପାରେ କି, ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠ ଦୁଇଥର ଦେଖିବାକୁ ପାଇଥିଲେ ଯେ ଭୀମା କୋରେଗାଓଁ ନକ୍ସଲଙ୍କ ସହିତ ଯୋଗାଯୋଗ ମାମଲାରେ ପ୍ରଫେସର ଜିଏନ୍ ସାଇବାବାଙ୍କୁ ଦଣ୍ଡିତ କରିବା ବେଳେ ଏନ୍‌ଆଇଏ ୟୁଏପିଏର ବ୍ୟବସ୍ଥାଗୁଡ଼ିକୁ ବଜାୟ ରଖିବାରେ ବିଫଳ ହୋଇଥିଲା। ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ତାଙ୍କର ଗିରଫକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦେଇଥିବା ପିଟିସନ୍ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ବିଚାର ଅପେକ୍ଷାରେ ରହିଛି। ସାମ୍ପ୍ରତିକ ମାମଲାରେ ଯେଉଁ ଅତିରିକ୍ତ ସେସନସ୍ ଜଜ୍ ଶ୍ରୀଯୁକ୍ତ ପୁରକାୟସ୍ଥଙ୍କୁ ପୁଲିସ କଷ୍ଟେଡିରେ ରହିବା ନିମନ୍ତେ ରିମାଣ୍ଡ ଦେଇଥିଲେ, ତାଙ୍କର କର୍ତ୍ତବ୍ୟ ଥିଲା ଏହି ମାମଲାକୁ ଦେଶର ସର୍ବୋଚ୍ଚ ଅଦାଲତଙ୍କ ନିକଟକୁ ଯିବାକୁ ଛାଡ଼ିଦେବା ପରିବର୍ତ୍ତେ ଶ୍ରୀଯୁକ୍ତ ପୁରକାୟସ୍ଥଙ୍କ ମୌଳିକ ଅଧିକାରଗୁଡ଼ିକ ହନନ ହୋଇଛି କି ନାହିଁ, ତାକୁ ଯାଞ୍ଚ କରି ଦେଖିବା। ଏହା ନ ହେବାରୁ ପରିଣତି ସ୍ୱରୂପ ପ୍ରତିବାଦୀଙ୍କୁ ମାସ ମାସ ଧରି ଜେଲ୍‌ରେ ରହିବାକୁ ପଡ଼ିଲା। ସୂଚନାଯୋଗ୍ୟ ଯେ ଉଚ୍ଚତମ ଅଦାଲତରେ ଯେତିକି ମାମଲା ଫଇସଲା ଅପେକ୍ଷାରେ ପଡ଼ି ରହିଛି, ସେସବୁର ସମାଧାନ ହେବା ଉପରୋକ୍ତ କାରଣଗୁଡ଼ିକ ଯୋଗୁଁ ବିଳମ୍ବିତ ହୋଇ ଚାଲିଛି। ତେଣୁ ନିମ୍ନ ଅଦାଲତଗୁଡ଼ିକ ଦେଖିବା ଉଚିତ କି ଉଚ୍ଚତର ଅଦାଲତ ଯେପରି ଅଧିକ ମାମଲା ଭାରରେ ଭାରାକ୍ରାନ୍ତ ନ ହୁଏ ଏବଂ ସେଥିପାଇଁ ନିମ୍ନ ଅଦାଲତମାନେ ନାଗରିକ ଓ ଆଇନର ଶାସନ ବଜାୟ ରହିବା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି।

# ଲୋଭ: ଏକ ମାନସିକ ବିକାର




ପ୍ର.ଗିରିଜା ଶଂକର ଶର୍ମା


ସାଂପ୍ରତିକ ସମାଜକୁ ଲକ୍ଷ୍ୟକଲେ, ଆମେ ଅଚିରେ ଅନୁଭବ କରିପାରିବା ଯେ, ଏବେ ମନୁଷ୍ୟ ଆଗ ଅପେକ୍ଷା ବହୁମାତ୍ରାରେ ସ୍ୱାର୍ଥପର ହୋଇଯାଇଛି, ଏ ସବୁର ମୂଳରେ ଲୋଭ ଏବଂ ପରଶ୍ରୀକାତରତା ଇନ୍ଧନ ସଦୃଶ କାମ କରନ୍ତି ବୋଲି ପ୍ରତୀତ ହୁଏ। ଆବଶ୍ୟକତା ଥାଉ ବା ନଥାଉ ଆମେ ଆହୁରି ଅଧିକ ଧାନ ରତ୍ନ ସଂପତ୍ତି ଇଚ୍ଛା କରିଥାଉ। ଲକ୍ଷପତି କୋଟି ପତି ହେବାର ଇଚ୍ଛା ପ୍ରକାଶ କଲାବେଳେ କୋଟିପତି ତା ନିଜ ଆୟତ୍ତରେ ଥିବା ସଂପତ୍ତିରେ ସନ୍ତୁଷ୍ଟ ହୋଇ ପାରିନ୍ତି ନାହିଁ। ଏହାର ମୂଳ କାରଣ ହେଲା ଲୋଭ। ଆମେ ଆମ ଆବଶ୍ୟକତା ପୂରଣ ହେବା ପରେ ମଧ୍ୟ ଆହୁରି ଅଧିକ ଆଶା କରିଥାଉ ଓ ତାହା ପୂରଣ ହୋଇ ନ ପାରିଲେ ଦୁଃଖ କରୁ। ତେଣୁ ଆମକୁ ସର୍ବପ୍ରଥମେ ଆବଶ୍ୟକତା ଓ ଲୋଭ ମଧ୍ୟରେ ଥିବା ସୀମାରେଖା ସମ୍ବନ୍ଧରେ ସଚେତନ ହେବା ଦରକାର।

ଜଣେ ବିଦ୍ୱାନ ବ୍ୟକ୍ତି ଥରେ ଚାଣକ୍ୟଙ୍କୁ ପ୍ରଶ୍ନକଲେ ମହାଶୟ ବିଷ କଣ? ଚାଣକ୍ୟ କହିଲେ ଆବଶ୍ୟକତା ଠାରୁ ଅଧିକ ମିଳିଥିବା ପ୍ରତ୍ୟେକ ଜିନିଷ ବିଷ। ଏହା କ୍ଷମତା, ସ୍ୱାଭିମାନ, ଧନ, କ୍ଷୁଧା, ଲୋଭ, ଆଳସ୍ୟ, ପ୍ରେମ, ଘୃଣା ବା ଅନ୍ୟ ଯେକୌଣସି ବିଷୟ ହୋଇପାରେ। ପ୍ଲାଟୋଙ୍କ ଅନୁସାରେ, **'The greatest wealth is to live wonent with little.'** ବୌଦ୍ଧ ଧର୍ମ ଅନୁସାରେ ସଂସାରର ତିନୋଟି ବିଷ ହେଉଛି ଲୋଭ, ଘୃଣା ଓ ଅଜ୍ଞାନତା। ତେଣୁ ଲୋଭ ସର୍ବଦା ବର୍ଜନୀୟ।

ଏଠାରେ ବିଶ୍ୱ ବିଜୟୀ ବୀର ଆଲେକ୍ ଜାଣ୍ଡାରଙ୍କ କଥା ସ୍ମରଣ କରାଯାଇପାରେ। ସେ ରାଜ୍ୟାଭିଷେକ ପରେ ତାଙ୍କ ସାମ୍ରାଜ୍ୟ ବୃଦ୍ଧି କରି ସଂପୂର୍ଣ୍ଣ ବିଶ୍ୱ ଉପରେ ରାଜତ୍ୱ କରିବାକୁ ଚାହିଁଲେ, ଏବଂ ସେଇ ଲକ୍ଷ୍ୟରେ ରାଜ୍ୟପରେ ରାଜ୍ୟ ଜୟକରି ଆଗକୁ ମାଡ଼ି ଚାଲିଲେ। ଅନେକ ରାଜ୍ୟ ଜୟ କରିବା ପରେ ମଧ ତାଙ୍କ ରାଜ୍ୟ ଜୟ କରି ସଂପୂର୍ଣ୍ଣ ବିଶ୍ୱ ଉପରେ ରାଜତ୍ୱ କରିବାକୁ ଚାହିଁଲେ, ଏବଂ ସେଇ ଲକ୍ଷ୍ୟରେ ରାଜ୍ୟପରେ ରାଜ୍ୟ ଜୟକରି ଆଗକୁ ମାଡ଼ି ଚାଲିଲେ। ଅନେକ ରାଜ୍ୟ ଜୟ କରିବା ପରେ ମଧ ତାଙ୍କ ରାଜ୍ୟ ଜୟ କରିବାର ନିଶା ଅନ୍ତ ହେଲା ନାହିଁ। ସେ ଭାରତ ବିଜୟ ଅଭିମୁଖେ ଆଗେଇବା ଉଦ୍ଦେଶ୍ୟରେ ବିଶାଳ ସୈନ୍ୟ ସାମନ୍ତ ଧରି ଆସିବା ରାସ୍ତାରେ ଏଥେନ୍ସ ନଗରୀ ପାର କରୁଥିବା ବେଳେ ଏକ ଶୀର୍ଣ୍ଣ କୁଟିରରୁ ଦାର୍ଶନିକ ଦାଓଜିନସ୍ ଆଲେକ୍ ଜାଣ୍ଡରଙ୍କୁ କିଛି ଜିନିଷ ଦେବାପାଇଁ ଚାହିଁଲେ। ପ୍ରକୃତରେ ଦାଓ ଜିନସ୍‌ଙ୍କ ଚେହେରା ଓ ବେଶଭୂଷା ଦେଖି ଲୋକେ ତାଙ୍କୁ ଭିକାରୀ ବୋଲି ଭାବନ୍ତି। କିଛିଦିନ ତଳେ କେହି ଜଣେ ତାଙ୍କୁ ଭିକାରୀ ଭାବି ଗୋଟିଏ ମୁଦ୍ରା ତାଙ୍କ ଆଡ଼କୁ ଫିଙ୍ଗି ଦେଇଥିଲେ। ଦାଓ ଜିନସ୍ ସେ ମୁଦ୍ରାକୁ ଆଲେକ୍ ଜାଣ୍ଡାରଙ୍କ ହାତରେ ଦେଇ କହିଲେ କିଛିଦିନ ତଳେ ମୋତେ ଭିକାରୀ ଭାବି କୌଣସି ବ୍ୟକ୍ତି ଏ ମୁଦ୍ରା ମୋ ଆଡ଼କୁ ଫିଙ୍ଗି ଦେଇଥିଲେ। ମୁଁ ଭାବିଥିଲି ମୋଠାରୁ ବଡ଼ ଭିକାରୀ ଦେଖିଲେ ତା ହାତରେ ଏ ମୁଦ୍ରା ଦେବି ଆଜି ତୁମକୁ ପାଇ ମୁଁ ଏହା ତୁମକୁ ଦେଉଛି। ଏକଥା ଶୁଣି ଆଲେକ୍ ଜାଣ୍ଡାର ହଠାତ୍ ରାଗିଗଲେ ଓ କହିଲେ ତୁମେ କଣ ମୋତେ ଜାଣିନ? ମୁଁ ବିଶ୍ୱ ବିଜୟୀ ବୀର ଆଲେକ୍ ଜାଣ୍ଡାର ମୋ ପାଖରେ ପୃଥିବୀର ସବୁ ଧନରତ୍ନ ରହିଛି। ତୁମେ ମୋତେ ଭିକାରୀ ଭାବି ଯାହା କରିଛ ସେଥିପାଇଁ ମୁଁ ତୁମକୁ ଶିରଚ୍ଛେଦ ବି କରିପାରେ। ଆଦୌ ବିଚଳିତ ନ ହୋଇ ଦାଓଜିନସ କହିଲେ, ଆଲେକ୍ ଜାଣ୍ଡାର ମୁଁ ଜାଣେ ତୁମେ ଗୋଟିଏ ପରେ ଗୋଟିଏ ବହୁରାଜ୍ୟ ବିଜୟ କରି ସାରିଲଣି। କିନ୍ତୁ ତୁମର ରାଜ୍ୟ ଜୟ କରିବାରର ଲୋଭ ଏ ପର୍ଯ୍ୟନ୍ତ ଯାଇନାହିଁ। ମୋ ପାଖରେ କିଛି ନାହିଁ ଏବଂ ମୋର କୌଣସି ଆବଶ୍ୟକତା ମଧ ନାହିଁ ତେଣୁ ମୁଁ ସନ୍ତୁଷ୍ଟ, ତୁମେ ଅନେକ ସଂପତ୍ତିର ମାଲିକ ହୋଇ ମଧ ସନ୍ତୁଷ୍ଟ ନୁହେଁ। ତେଣୁ କହ ମୁଁ ଭିକାରୀ କି ତୁମେ ଭିକାରୀ। ଆଲେକ୍ ଜାଣ୍ଡାର ଦୁର୍ଦ୍ଧର୍ଷ ହେଲେ ମଧ ବିଦ୍ୱାଦ ଲୋକଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ବୋଧ ଥାଏ। ତେଣୁ ସେ ମଧ କହିଲେ ମୁଁ ଯଦି ଆଲେକ୍ ଜାଣ୍ଡାର ହୋଇ ନଥାନ୍ତି, ଦାଓଜିନ୍‌ସ ହୋଇଥାନ୍ତି।

ଆଲେକ୍ ଜାଣ୍ଡାର ପରେ ପରେ ବୁଝିପାରି ଥିଲେ ଯେ ବିଶ୍ୱ ବିଜୟ କରିବାର ନିଶା ବା ବିଶ୍ୱର ଏକଛତ୍ରପତି ସମ୍ରାଟ ହେବା କୌଣସି ଦୃଷ୍ଟିରୁ ମହାନ ନୁହେଁ ବରଂ ମାନବୀୟ ବୁଝାବଣା ଥିବା ମନୁଷ୍ୟ ଶ୍ରେଷ୍ଠ ଏବଂ ମହାନ୍। ତେଣୁ ସେ ତାଙ୍କର ସୈନ୍ୟ ମାନଙ୍କୁ କହିଥିଲେ ଯଦି ମୋର ମୃତ୍ୟୁ ଆପଣମାନଙ୍କ ସମ୍ମୁଖରେ ହୁଏ, ତାହେଲେ ମୋତେ ଯେଉଁ ଶବାଧାରରେ ନେବେ ତାର ଦୁଇ ପାଖରେ ମୋର ଖୋଲା ହାତକୁ ଝୁଲାଇ ରଖିବେ। ଏହା ଜଣାଇବା ପାଇଁ ଯେ ମୁଁ ଏ ପୃଥିବୀରୁ କିଛି ନେଇକି ଯାଉନାହିଁ। ଏକଥା କହିବାର ଉଦ୍ଦେଶ୍ୟ ବୋଧହୁଏ ନିଜକୁ ନିର୍ଲୋଭ ବୋଲି ସମସ୍ତଙ୍କୁ ଜଣାଇବା। ଆଲେକ୍‌ଜାଣ୍ଡାରଙ୍କ ଏ ଉକ୍ତ ଓଡ଼ିଆ କବିଙ୍କ ଲେଖନୀରେ, 'ନେବ ଯେବେ ମୋତେ କୋକେଇରେ ବାନ୍ଧି/ ଦୁଇ ପାର୍ଶ୍ୱେ ଦେବ ମୋ କର ଝୁଲାଇ/ ଯା ଦେଖି ଜଗତେ ଜାଣିବେ ସମସ୍ତେ/ ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ।

ଲୋଭ ସଦାସର୍ବଦା ବର୍ଜନୀୟ। ସେଥିପାଇଁ ଏକ ପ୍ରବାଦ କହେ 'ଅତି ଲୋଭେ ତନ୍ତୀ ମରେ'। ଲୋଭ ମନୁଷ୍ୟର ହିତାହିତ ଜ୍ଞାନକୁ ନଷ୍ଟ କରିଥାଏ। ଏହା ଏକ ବର୍ଜନୀୟ ପଥ ଯାହାର ଆକର୍ଷଣ ବେଶି କିନ୍ତୁ ପରିଣାମ କେବେ ହେଁ ଶୁଭଙ୍କର ନୁହେଁ। ଆମ ଆବଶ୍ୟକତା ପୂରଣ ହେବା ପରେ ଅଧିକ ଆଶା କରିବା କୌଣସି ଦିଗରୁ ସମୀଚୀନ ନୁହେଁ।

ଲୋଭ ଆମର ବିଚାରଶକ୍ତିକୁ ପ୍ରଭାବିତ କରିଥାଏ। ଆମେ ଯେଉଁ ସମୟରେ କିଛି ବିଚାର କରିଥାଉ ସେ ସମୟରେ ଆମେ ବିଚାରପତିର ଦାୟିତ୍ୱ ନିର୍ବାହ କରୁ। ବିଚାରପତିର ପରମ କର୍ତ୍ତବ୍ୟ ହେଲା ସେ ଉଭୟ ପକ୍ଷକୁ ଭଲ ଭାବରେ ଶୁଣିବ ଓ ଉଚିତ୍ ନ୍ୟାୟ ପ୍ରଦାନ କରିବ। କୌଣସି ପକ୍ଷପାତିତା କରିବ ନାହିଁ। ଜଣେ ଲୋଭି ବ୍ୟକ୍ତି ଯାହାଙ୍କର ବସ୍ତୁ, ଅର୍ଥ ବା ଅନ୍ୟ କୌଣସି ପ୍ରଲୋଭ ଥାଏ ସେ ନ୍ୟାୟ ପ୍ରଦାନ କରିବା ସମୟରେ ନିରପେକ୍ଷ ହୋଇ ପାରନ୍ତି ନାହିଁ ଏବଂ ସେ ଲୋଭ ସମ୍ବରଣ କରି ନପାରି ପକ୍ଷପାତ କରି ବସନ୍ତି। ଆଗେ କାଳର ଲୋକମାନେ ନିର୍ଲୋଭ ଏବଂ ନିରପେକ୍ଷତାର ଯେଉଁ ଉଦାହରଣ ସୃଷ୍ଟି କରି ସେପରି ବ୍ୟକ୍ତି ବର୍ତ୍ତମାନ ଯୁଗରେ ମିଳିବା କଷ୍ଟ। ଏଠାରେ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦରବାରରେ ଥିବା ଦକ୍ଷ ଉପଦେଷ୍ଟା ତଥା ଉତ୍ତର ଭାରତରେ ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ଚାଣକ୍ୟଙ୍କ ଉଦାହରଣ ଦିଆଯାଇ ପାରେ। ଥରେ ରାତ୍ରି ସମୟରେ କୌଣସି ଏକ ଜରୁରୀ କାମ ପାଇଁ ରାଜାଙ୍କ ଦୂତ କିଛି ଦସ୍ତାବେଜ ଧରି ପରାମର୍ଶ ପାଇଁ ଚାଣକ୍ୟଙ୍କ ପାଖକୁ ଆସିଲା। ସେ ସମୟରେ ଚାଣକ୍ୟ ଏକ ବିଦେଶୀ ବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ନିମଗ୍ନ ଥିଲେ। ରାଜାଙ୍କ ଦୂତ ଆସିବାରୁ ତାଙ୍କ ଅପେକ୍ଷା କରିବା ପାଇଁ କହି ସେ ଜଳୁଥିବା ଲଣ୍ଠନକୁ ଲିଭାଇ ଅନ୍ୟଏକ ଲଣ୍ଠନ ଜାଳି ସେଥିରେ କାର୍ଯ୍ୟ ସଂପାଦନ କଲେ ଓ ଦୂତଙ୍କୁ ସେ କାଗଜପତ୍ର ଦେଇ ରାଜାଙ୍କ ପହଁଚେଇ ଦେବା ପାଇଁ ଆଗ୍ରହ କଲେ। ପାଖରେ ଦୂତ ନିଷ୍କ୍ରାନ୍ତ ହେବା ପରେ ଚାଣକ୍ୟ ପୁନର୍ବାର ଜଳୁଥିବା ଲଣ୍ଠନ ଲିଭାଇ ପ୍ରଥମ ଲଣ୍ଠନ ଜଳାଇଲେ। ଏ ପର୍ଯ୍ୟନ୍ତ ଚୁପ୍‌ଚାପ୍ ଦେଖୁଥିବା ବିଦେଶୀ ପର୍ଯ୍ୟଟକ ଚାଣକ୍ୟଙ୍କୁ କୌତୂହଳର ସହ ପଚାରିଲେ- ମହାନୁଭବ ମୁଁ ବୁଝି ପାରୁ ନାହିଁ କାହିଁକି ଆପଣ ଜଳୁଥିବା ଲଣ୍ଠନ ଲିଭାଇ ଆଉ ଏକ ଲଣ୍ଠନ ଲଗାଇଲେ ଓ ଦୂତ ଯିବା ପରେ ପୁଣି ସେ ଲଣ୍ଠନ ଲିଭାଇ ଅନ୍ୟ ଲଣ୍ଠନ ଜଳାଇଲେ। ଚାଣକ୍ୟ ଅତିନମ୍ର ଭାବରେ ଉତ୍ତର ଦେଲେ ଯେ ସେ ଘରେ ଥିବାବେଳେ ନିଜ କାର୍ଯ୍ୟ ପାଇଁ ରାଜାଙ୍କ ଲଣ୍ଠନ ଓ ଇନ୍ଧନ ନଷ୍ଟ କରିବା ସେ କଦାଚିତ୍ ଚାହାନ୍ତି ନାହିଁ। ଲୋଭ ସଂବରଣ କରିବାର ଏପରି ଏକ ଦୃଷ୍ଟାନ୍ତ ଚାଣକ୍ୟଙ୍କ ପାଖରେ ଥିଲା ଯାହା ଆଜିକାଲି ପ୍ରାୟତଃ ଦେଖିବାକୁ ମିଳୁନାହିଁ।

ଭଗବାନ ପ୍ରତ୍ୟେକ ମଣିଷକୁ ବୁଦ୍ଧି, ବିବେକ ଓ ମନ ଦେଇଛନ୍ତି। ମନକୁ ଅତି ପ୍ରାଧାନ୍ୟ ଦେଲେ ସେ ଆମକୁ କୁଆଡ଼େ ଉଡ଼େଇ ନେବ ଆମେ ଜାଣି ପାରିବା ନାହିଁ। ମନ ନିଜ ପାଇଁ ବହୁତ କିଛି ଆଶା କରିଥାଏ। ଏହା ଏକ ପିପାଶା ଯାହାର ଅନ୍ତ ନାହିଁ। ତାର ଏ ଆବଶ୍ୟକତା କୃତ୍ରିମ ହେଲେ ମଧ ଆମକୁ ନିତାନ୍ତ ଜରୁରୀ ଲାଗିଥାଏ। ତେଣୁ ଆମେ ସବୁବୁଦ୍ଧି ଖଟେଇ ଆମ ଆବଶ୍ୟକତା ଜାଣିବା ଦରକାର। କୃତ୍ରିମ ଆବଶ୍ୟକତାକୁ ଆମେ କେବେ ବି ପୂରଣ କରିପାରିବା ନାହିଁ। ଏହି କୃତ୍ରିମ ଆବଶ୍ୟକତାକୁ ଲୋଭ ବୋଲି ନାମିତ କରାଯାଇପାରେ। ଆମେ ବିବେକର କଥା ମାନିଲେ ଲୋଭ ଉପରେ ନିୟନ୍ତ୍ରଣ କରିପାରିବା। ମନୁଷ୍ୟ ନିଜ ବୁଦ୍ଧି ଓ ବିବେକକୁ ସଦା ଶାଣିତ କରି ରଖିବା ଉଚିତ।

ଏତିକି ଜାଣିବା ଉଚିତ୍ ଯେ ଆମେ ଜନ୍ମ ହେବା ସମୟରେ କୌଣସି ବସ୍ତୁ ନିଜ ସାଥିରେ ନେଇ ଜନ୍ମ ହୋଇ ନଥିଲେ। ଠିକ୍ ସେହିପରି ମୃତ୍ୟୁ ସମୟରେ ମଧ୍ୟ ଆମେ କୌଣସି ଜିନିଷ ଯେତେମୂଲ୍ୟବାଦ ହୋଇଥାଉ ନା କାହିଁକି ନେଇ ପାରିବା ନାହିଁ। ଖାଲି ହାତରେ ଆସିଥିଲେ ଓ ଖାଲି ହାତରେ ଯିବା। ତେଣୁ ଜନ୍ମରୁ ମୃତ୍ୟୁର ବ୍ୟବଧାନ ଭିତରେ ଥିବା ସମୟକୁ ଲୋଭ କରି କଳୁଷିତ କରିବା କାହିଁକି?

ଆମ ଧର୍ମଗ୍ରନ୍ଥ ଅନୁସାରେ ମୃତ୍ୟୁ ସମୟରେ ଆମେ ଅର୍ଜନ କରିଥିବା ପୁଣ୍ୟ ବ୍ୟତୀତ ଆମେ କୌଣସି ଜିନିଷ କାମରେ ଆସେ ନାହିଁ। ଲୋଭ ଆମକୁ ପାପଗ୍ରସ୍ତ କରାଏ। ଅନ୍ୟକୁ ସାହାଯ୍ୟ କରିବା ମନୁଷ୍ୟର ପରମଧର୍ମ।

ଏଠାରେ ଏକ ଛୋଟ ପ୍ରଶ୍ନ ଉଠେ- ଲୋଭ କରି ପାପ ଅର୍ଜନ କରିବା ଭଲ କି ସାହାଯ୍ୟ କରି ପୁଣ୍ୟ ଅର୍ଜନ କରିବା ଶ୍ରେୟ। ଏହାର ଉତ୍ତର ଭିନ୍ନ ଭିନ୍ନ ବ୍ୟକ୍ତି ପାଇଁ ଭିନ୍ନ ହୋଇପାରେ କିନ୍ତୁ ସଠିକ୍ ଉତ୍ତର ହେଲା ଯେ ଆମେ ଆଜି ଯାହାକୁ ମୋର ବୋଲି କହୁଛେ ଯଥା ମୋର ଘର, ଗାଡ଼ି, ଧନ ଇତ୍ୟାଦି ତାହା ଆମକୁ ଏହିଠାରେ ହିଁ ପ୍ରାପ୍ତ ହୋଇଛି ସ୍ୱଳ୍ପ ସମୟ ପାଇଁ। ଏହା ଆଗରୁ ଆମର ନଥିଲା କି ଆମ ପରେ ଆମର ହୋଇ ରହିବ ନାହିଁ। ତେଣୁ କିଛି ଦାନ ପୁଣ୍ୟ କରି ପୁଣ୍ୟ ଅର୍ଜନ କରିବା ବୁଦ୍ଧିମାନର କାର୍ଯ୍ୟ।

ପରିବେଶରେ କୁହାଯାଇ ପାରେ ଲୋଭ ସର୍ବଦା ବର୍ଜନୀୟ। ଏହା ମାନବୀୟ ଗୁଣାବଳୀର ପରିପନ୍ଥୀ।


ଧନକଉଡ଼ା,
ସଂବଲପୁର-୭୬୦୦୬
ମୋ: ୮୯୧୭୪୯୪୦୯୫


# କାହିଁ ଅସଲ କଥା ତ ନାହିଁ, ନିର୍ବାଚନ ଇସ୍ତାହାରରେ ?




ପୁଷ୍ପମିତ୍ର ମହାପାତ୍ର


ଗୋଟିଏ ଫେଜ ନିର୍ବାଚନ ସରିବା ପରେ ଆହୁରି ଚାରୋଟି ପର୍ଯ୍ୟାୟ ନିର୍ବାଚନ ବାକି ରହିଛି। ସବୁଦଳର ନିର୍ବାଚନ ଇସ୍ତାହାର ପ୍ରକାଶ ପାଇ ସାରିଲାଣି। ରାଜ୍ୟନୈତିକ ଦଳମାନେ ନିଜ ଇସ୍ତାହାରରେ ସାଧାରଣ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା, ସ୍ଥାନୀୟ ଅଞ୍ଚଳର ପ୍ରସଙ୍ଗ ଓ ଜନସମସ୍ୟା ପୂରଣ କରିବା ସହ କିଛି ସାମାଜିକ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ହାତକୁ ନେବାର ପ୍ରତିଶ୍ରୁତି ଦେଇଥାନ୍ତି। ସହଜରେ ତ ବିକାଶର ବାର୍ତ୍ତା ରହିଥାଏ ତେବେ ବାସ୍ତବରେ ଲୋକମାନେ କ'ଣ ଚାହୁଁଛନ୍ତି? ସେମାନଙ୍କର ମୌଳିକ ଆବଶ୍ୟକତା ଓ ସମସ୍ୟା କ'ଣ? ଏସବୁକୁ ଗୁରୁତ୍ୱ ଦେଇ ଦଳମାନେ ନିର୍ବାଚନ ପୂର୍ବରୁ ନିଜ ନିଜ ଇସ୍ତାହାର ପ୍ରକାଶ କରିବାର ଏକ ପ୍ରକାର ରାଜନୈତିକ ବାଧ୍ୟବାଧକତା ରହିଛି। ଅସଲ କଥା ହେଉଛି ଜଣେ ନିଜେ ଆଖି ଟିକେ ବୁଲାଇ ଦେଉ ତାର ଚର୍ତୁପାର୍ଶ୍ୱରେ ଅଭାବ, ସମସ୍ୟା, ଅସୁବିଧା ଓ ପୁଳାଏ ପୁଳାଏ ଅଭିଯୋଗ ମଧ୍ୟ ଦେଖିବା ସୁସ୍ପଷ୍ଟ। ରାତି ପାହିଲେ ଯେଉଁ ସର୍ବନିମ୍ନ ଓ ମୌଳିକ ପ୍ରସଙ୍ଗଟି ଗରିବ ଠାରୁ ଧନୀ ସମସ୍ତଙ୍କ ପାଇଁ ପ୍ରାସଙ୍ଗିକ ଓ ଗୁରୁତ୍ୱ ରଖିଥାଏ ତାହା ହେଉଛି ବଜାରର ଚଢ଼ା ଦର। ଅର୍ଥନୀତିରେ ଦରଦାମ ତ ବଢ଼ିବା ନିଶ୍ଚୟ ଏହାକୁ କେହି ଅସ୍ୱୀକାର କରୁନାହାଁନ୍ତି ତେବେ ସର୍ବନିମ୍ନ ଜଣେ ଖାଉଟି ଭାବରେ ଜାଳେଣୀ ଗ୍ୟାସ ହେଉ କିମ୍ବା ପେଟ୍ରୋଲିୟମ ସାମଗ୍ରୀ, ବଜାର ସଉଦା ଠାରୁ ପନିପରିବା, ପାଠପଢ଼ା ସାମଗ୍ରୀ ଠାରୁ ଔଷଧ ଏସବୁ ସିଧାସଳଖ ପରିବାର ଉପରେ ଆଉ ରୋଷେଇ ଘର ଉପରେ ଏକ ପ୍ରକାର ଚଡ଼କ ପକାଇଥାଏ। ଅନେକ ଗରିବ ପରିବାର ପାଇଁ ଏହା ଏପରି କଷଣ ପାଲଟିଯାଏ ଯେ ସେମାନେ ଅଣ୍ଟା ଭାଙ୍ଗି ସଳଖି ଛିଡ଼ା ହେବାକୁ ବେଶ କଷ୍ଟକର ହୋଇଯାଏ। ବିଶେଷକରି ଅଭାବୀ ଓ ମେହେନତୀ ଯୌଥ ପରିବାରରେ ଏ ସମସ୍ୟା ଅତ୍ୟନ୍ତ ସଙ୍ଗୀନ। ବର୍ତ୍ତମାନର ବଜାର ଦର ଯାହା ତ ଥିଲା, ନିର୍ବାଚନ ତାତି ଆଉ ପାଣିପାଗର ତାତିକୁ ଦେଖି ଦର ଯେଉଁପରି ଗ୍ରାଫ ଛୁଇଁଲାଣି ଲୋକମାନେ ଦରମରା। ଏହା ଭିତରେ ସବୁ ଦାମ ଉପରେ ଯେଉଁ ଭାବରେ ଦରସବୁ ବଢ଼ିଛି ମାସ ଶେଷ ବେଳକୁ ଖାଲି ନିମ୍ନ ମଧ୍ୟବିତ୍ତଙ୍କ ପରିବାରରେ ନୁହେଁ ମଧ୍ୟବିତ୍ତ ପରିବାରର ହାତ ମଧ୍ୟ ଖାଲି ହୋଇଯାଉଛି। ନିହାତି ଅଭାବ ଅସୁବିଧା, ବିପଦ ଆପଦ ଆଉ ଭବିଷ୍ୟତକୁ ଟିକେ ଦେଖି ସଞ୍ଚୟ କରିବା ବା କିଛି ବିନିଯୋଗ କରିବାର ଆଉ ସୁଯୋଗ ହିଁ ରହିପାରୁନାହିଁ। ଏହି ବର୍ଦ୍ଧିତ ବଜାର ଦରରେ ନିୟନ୍ତ୍ରଣ ଲଗାଇବାର ପ୍ରତିଶ୍ରୁତି କାହିଁ ତ କୌଣସି ଦଳ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ଉଲ୍ଲେଖ କରିନାହାଁନ୍ତି।

ଖାଲି ଖାଉଟି ଜିନିଷ ବା ପନିପରିବା ନୁହେଁ, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବର୍ତ୍ତମାନ ସମୟରେ ଯେଉଁପରି ଭାବେ ବଢ଼ିଲାଣି ଆଉ ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲର ପାଠପଢ଼ା ଖର୍ଚ୍ଚ ଯାହା ଏଥିରେ ଅଭିଭାବକ ମାନଙ୍କ ଦରମରା ଅବସ୍ଥା। ଘରେ ଉପର ଶ୍ରେଣୀ ବା ବୈଷୟିକ ଶିକ୍ଷା ପାଠ ପଢ଼ୁଥିବା ପିଲାଟି ଥିଲେ ଖର୍ଚ୍ଚ କଥା ନକହିଲେ ଭଲ। ପିଲାଙ୍କୁ ପାଠ ପଢ଼ାଇବା ପାଇଁ କେତେକ କ୍ଷେତ୍ରରେ ଅଭିଭାବକ ମାନଙ୍କୁ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ଭୁଲିବାକୁ ପଡୁଛି। ଗୋଟିଏ ଗୋଟିଏ କ୍ଷେତ୍ରରେ ଅଭିଭାବକମାନେ ପିଲାମାନଙ୍କୁ ଯୋଗ୍ୟ କରି ଗଢ଼ି ତୋଳିଲା ବେଳକୁ ନିଜେ କାଙ୍ଗାଳ ଅବସ୍ଥାରେ ପହଞ୍ଚ ଯାଉଛନ୍ତି। ସେତେବେଳେ ଭବିଷ୍ୟତ ସଞ୍ଚୟ କଥା କିଏ ପଚାରେ। ଡାକ୍ତର, ଇଂଜିନିୟର, ଓକିଲ, ପ୍ରଶାସକ ଚାକିରୀକୁ ଚାହିଁ ପିଲାମାନଙ୍କ ପାଇଁ ପ୍ରସ୍ତୁତି ନିମିତ୍ତ ଢ଼େର ଖର୍ଚ୍ଚ କରିବାକୁ ପଡୁଛି। ପିଲାଙ୍କ ପାଠପଢ଼ା ଖର୍ଚ୍ଚ କିପରି କମିବ? ଶିକ୍ଷାକ୍ଷେତ୍ର କିଭଳି ବ୍ୟବସାୟ କ୍ଷେତ୍ର ନ ହୋଇ ସର୍ବନିମ୍ନ ଖର୍ଚ୍ଚରେ ପିଲାମାନେ ପାଠପଢ଼ି ପାରିବେ? ଏହି ପ୍ରସଙ୍ଗକୁ କାହିଁ କେଜାଣି କୌଣସି ଦଳ ତ ଇସ୍ତାହାରରେ ଉଲ୍ଲେଖ କରିନାହାଁନ୍ତି। ଘରୋଇ ସ୍କୁଲ ଗୁଡ଼ିକ ଅଭିଭାବକ ମାନଙ୍କୁ ଏକ ପ୍ରକାର ଖାଉଟି ଭାବେ ବିଚାର କରି ଯେଉଁପରି ଫି ଓ ଅନ୍ୟାନ୍ୟ ପ୍ରାପ୍ୟରାଶି ଉପରେ ସ୍ଲାବ ସବୁ ବଢ଼ାଉଛନ୍ତି ସେମାନଙ୍କ ଉପରେ ଅଙ୍କୁଶ ଥିବା ପରି ଜଣାପଡ଼ିନଥାଏ। ଏକ ପ୍ରକାର ଶିକ୍ଷା ବ୍ୟବସାୟରେ ପହଞ୍ଚିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆସିବା ତାହାହେଲା ସବୁଠାରୁ ଜୀବନର ଏକ ବଡ଼ ଓ ଜଟିଳ ଆବଶ୍ୟକତା ଯାହାକି ସ୍ୱାସ୍ଥ୍ୟସେବାକୁ ବୁଝାଏ। ସରକାରୀ ଡାକ୍ତରୀଖାନାରେ ସ୍ୱାସ୍ଥ୍ୟସେବା ଯାହା ତାହା ସମସ୍ତଙ୍କୁ ବେଶ ଭଲ ଭାବେ ଜଣା। ତୁରନ୍ତ, ଉଚ୍ଚମାନର, ଅଭିଜ୍ଞ ଚିକିତ୍ସକଙ୍କ ସେବା ପାଇବା ପାଇଁ ଲୋକେ ଘରୋଇ ଡାକ୍ତରଖାନା ଉପରେ ନିର୍ଭରଶୀଳ ହୋଇଥାନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ଼ କେତେକ କ୍ଷେତ୍ରରେ ଯୋଗାଇ ଦିଆଯାଇଛି କିନ୍ତୁ ଏହା ତ ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ବର୍ତ୍ତମାନର ସେହି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ସରଳୀକରଣ କରି କିପରି ଏହା ନିହାତି ଅଭାବୀ ଲୋକଟି ଓ ଅପରିଚିତ ଲୋକମାନଙ୍କ ପାଇଁ ବି ଉପଲବ୍ଧ ହୋଇପାରିବ ସେ ନେଇ କୌଣସି ନିର୍ବାଚନ ଇସ୍ତାହାରରେ ଲେଖା ହୋଇଛି କି? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା କେବଳ ମଦ ନୁହେଁ, ନିଶା ସାମଗ୍ରୀ ଉପରେ କଟକଣା। ମଦ ନିଷେଦ୍ଧ ନେଇ ଅନେକ ଦିନରୁ ଦାବୀ ଉଠୁଛି। ମଦ କେବଳ ସ୍ୱାସ୍ଥ୍ୟହାନୀ କରିନଥାଏ ରାଜ୍ୟର ପ୍ରମୁଖ ସିଂହଭାଗ ରାଜସ୍ୱ ଏଇଥିରୁ ମିଳୁଥିଲେ ବି ଏହା ସବୁ କ୍ଷେତ୍ରରେ ସର୍ବନାଶର କାରଣ ପାଲଟୁଛି। ସ୍ୱାସ୍ଥ୍ୟ ଯାଉଛି, ପରିବାର ଉଜୁଡି ଯାଉଛି, କର୍ମକ୍ଷେତ୍ରରେ ଅଶାନ୍ତି, ଦାମ୍ପତ୍ୟ ଜୀବନରେ ଝଡ଼, ରାସ୍ତା ଦୁର୍ଘଟଣା, ଅପରାଧ ବଢ଼ିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ନ୍ୟାୟପାଳିକା ଉପରେ ଆହୁରି ଏକ ଚାପ ସୃଷ୍ଟି କରୁଛି। ସମାଜରେ ଆଉ ସଂସାରରେ ନିଆଁ ଲଗାଉଥିବା ମଦକୁ ନେଇ 'ଆମେ ଶାସନକୁ ଆସିଲେ, ମଦ ନିଷେଦ୍ଧ କରିବୁ' ଏଭଳି ପ୍ରତିବଦ୍ଧତା କୌଣସି ଦଳର ନିର୍ବାଚନ ଇସ୍ତାହାରରେ ନାହିଁ। ଆଉ ଗୋଟିଏ ପ୍ରସଙ୍ଗ ହେଲା ଦୁର୍ନୀତି। ଏକଦା ଓଡ଼ିଶାର ଜଣେ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ନାହିଁ'। ବାସ୍ତବରେ ଏହି ଦୁର୍ନୀତି ଆମ ସମାଜ ଓ ପରିବେଶର ସବୁକ୍ଷେତ୍ରକୁ କଳୁଷିତ କରୁଛି। ଦୁର୍ନୀତି ନେଇ ସରକାରୀ ଚଢ଼ଉ ହେଉଛି, ଅନେକ ତ ଗଳାବାଟ ଦେଇ ଖସିଯାଉଛନ୍ତି କିନ୍ତୁ ଏ ଦୁର୍ନୀତି ପାଇଁ ସମାଜ ଯେଉଁପରି ଭାବରେ ଅଭିବୃଦ୍ଧି ସମ୍ପନ୍ନ ହେବା କଥା ରାଷ୍ଟ୍ର ଯେଉଁ ବିକାଶରେ ଆଗେଇ ଧାବମାନ ହେବା କଥା ସେପରି କେଉଁଠି ଦିଶୁନି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଓ ଅତି କଠୋର ପଦକ୍ଷେପ ନେଇ କୌଣସି ଆଶ୍ୱାସନା ଇସ୍ତାହାରରେ ନାହିଁ। ସମ୍ଭବତଃ ରାଜନୈତିକ ଦଳମାନେ ଜାଣନ୍ତି ଏ ଦେଶରୁ ଦୁର୍ନୀତି ଦୂର କରିବା ସମ୍ଭବ ନୁହେଁ। ଏହିପରି ପ୍ରସଙ୍ଗ ଗୁଡ଼ିକ କାହାଙ୍କୁ ଛୋଟିଆ ଲାଗିପାରେ କିନ୍ତୁ ନିର୍ବାଚନ ଇସ୍ତାହାରରେ ଏହି ପ୍ରସଙ୍ଗକୁ କୌଣସି ଦଳ ବି ଗୁରୁତ୍ୱ ଦେଇନାହାଁନ୍ତି। ତାହାହେଲେ ନିର୍ବାଚନ ଇସ୍ତାହାରର ଘୋଷଣାନାମା ସବୁ ଲୋକଦେଖାଣିଆ ଆଉ ନିର୍ବାଚନୀ ଧୂଆଁବାଣ କହିଲେ ଅତ୍ୟୁକ୍ତି ହେବନାହିଁ। ଦେଶ ହେଉ ବା ରାଜ୍ୟ ସେମାନେ ରାଜସ୍ୱ ଦେଉଛନ୍ତି। ସେହି ରାଜସ୍ୱକୁ ନେଇ ସମାଜର ମଙ୍ଗଳ ହେବା ସ୍ୱାଭାବିକ। ରାସ୍ତାଘାଟ, ପାନୀୟଜଳ, କୃଷି, ମହିଳା ସଶକ୍ତିକରଣ, ଯୁବ ବିକାଶ, କ୍ରୀଡ଼ା କ୍ଷେତ୍ର ଏସବୁ ତ ବାଧ୍ୟବାଧକତା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସର୍ବନିମ୍ନ ମୌଳିକ ଆବଶ୍ୟକତା ଏହିଥିରେ ନିହିତ କିନ୍ତୁ ଆମେ ଆଲୋଚନା ରଖିଥିବା ପ୍ରସଙ୍ଗ ଗୁଡ଼ିକୁ କୌଣସି ନିର୍ବାଚନ ଇସ୍ତାହାରରେ ଦେଖିବାକୁ ମିଳିଲା ନାହିଁ। ତେଣୁ ରାଜନୈତିକ ଦଳମାନେ ଜନାଭିମୁଖୀ ଆଉ ସମୟ, ପ୍ରସଙ୍ଗ ଓ ପରିସ୍ଥିତିକୁ ଦେଖି ଲୋକମାନଙ୍କ ଆବଶ୍ୟକତା କ'ଣ ସବୁ ତାକୁ ବିଚାର କରି ଇସ୍ତାହାରରେ ସ୍ଥାନିତ କରିଥିଲେ ଏହାର ମୂଲ୍ୟ ରହିଥାନ୍ତା ଓ ରାଜନୈତିକ ଦଳମାନେ ଯେ ବାସ୍ତବରେ ଲୋକମାନଙ୍କର ମଙ୍ଗଳ କାମନା ନିମିତ୍ତ କାର୍ଯ୍ୟ କରୁଛନ୍ତି ତାହା ପ୍ରମାଣିତ ହୋଇଥାନ୍ତା। କେବଳ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ସମର୍ଥନ ଜୁଟାଇବା ଏହା ରାଜନୀତିର ମୂଳନୀତି ନ ହେଉ।


ଆଇନ୍‌ଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୨୨୫୬୮୯


# କବିତା କୋଣାର୍କ

## ଜାଣିଥିଲି


ସଞ୍ଜୟ ଖେମୁଣ୍ଡୁ




ଜାଣିଥିଲି
ମୋ କଥା ତମକୁ ଆଉ ମନେ
ପଡ଼ିବନି
ମୋ ଭାବନା ତମକୁ ଆଉ
ବୁଲେଇ ନବନି
ସାଗର ତଟକୁ,ଝାଉଁ ବଣକୁ
ମୋ ନାଁରେ ତମ ବଗିଚାରେ ରୋପଣ
ହେଇଥିବା ମଲ୍ଲୀ ଗଛରେ
ଆଉ ଫୁଲ ବାସି ଭଅଁରକୁ ଆକର୍ଷିତ
କରିବନି।

ବର୍ଷା ଆସେ ଚାରାଗଛ ଜିଇଁ ଉଠେ
ବସନ୍ତ ଆସେ ଗଛରେ ଫୁଲ ଫୁଟେ
ଖରା ଆସେ ଆଉ ସେଇ ଗଛଟି
ଅକାରଣେ ମରିଯାଏ
ଠିକ ସେହି ପରି ଏ ପ୍ରେମ ମଞ୍ଜି ଦୁଇ
ହୃଦୟରେ କଅଁଳେ
ଫୁଲ ଫୁଟି ବାସେ ପୁଣି ସମୟ ହେଲେ
ମଉଳିଯାଏ।

ସେଥିପାଇଁ ମୁଁ ଜାଣିଥିଲି
ତମେ ଆଉ ଆଗଭଳି ମୋ ପାଇଁ
ଲଗେଇବନି ଆଖିରେ କଜଳ,
ପାଦରେ ଅଳତା
ମୋ ଦେହର ଶ୍ୟାମଳ ରଙ୍ଗକୁ
ହଳଦୀ କରି
ଆଉ ବୋଳିବନି ତମ ଦେହରେ
ମୋ ହୃତ ସ୍ପନ୍ଦନକୁ ତମେ ଆଉ
ଶୁଣିବନି
ଧ୍ୱନ କରି ତମ ପ୍ରେମ ଗୀତର
ମଧୁମୁର୍ଚ୍ଛନାରେ।

ବେଳେବେଳେ ଜାଣିଜାଣି ବି ତୁଠ
ପଥରେ ଖସେଇ ହୁଏ ପାଦ
ଜାଣିଜାଣି ବି ମାୟା ମୃଗ ପଛରେ
ଗୋଡ଼େଇ ବିରହ ଭୋଗିହୁଏ ବାଧ
ନିଜେ ତ ବାମନ ତଥାପି ଜାଣି ଜାଣି
ବି ଆକାଶର ଜହ୍ନ ତୋଳିବାକୁ
ଅଣ୍ଟାଭିଡ଼େ ଏ ନିର୍ବୋଧ ମନ
ଆଉ ପ୍ରେମର ଚକ୍ର ବ୍ୟୁହରୁ ମୁକୁଳି ନ
ପାରିବା ଜାଣି ଜାଣି ବି କାହିଁକି
କେଜାଣି ତାକୁ କରିହୁଏ ଭେଦ।

ଜାଣିଥିଲି ତମେ ଆଉ ଭୋଗିବନି
ମୋ ଅନୁପସ୍ଥିରେ ବିରହ ଯନ୍ତ୍ରଣା
ମୁଁ ଦେଇଥିବା ତତଲା ଚୁମାକୁ
ଭାଳିଭାଳି ଆଉ ହବନି ଆନମନା
ତମେ ଭୁଲିଯିବ ମୋ ନାଁ ଓ ଗାଁ
ଆଉ ଖୋଜିବାକୁ ଚେଷ୍ଟା ବି କରିବନି
ମୋ ଅଜଣା ଠିକଣା।


ପୁରୁଣା ଚିତାପାରୀ, ମାଲକାନଗିରି
ମୋ:୭୮୫୪୦୧୦୫୧୯


## ପାଖଲୋକ !


ରାଧାଶ୍ୟାମ ରାଉଳ




ଜୟ ଜୟ 'ପାଖଲୋକ' ଚିଟାକଟା ଚୈତନ୍ୟ !
ଅଗତିର ଗତି ତୁମେ ବିଘ୍ନବିନାଶନ !
ଜୟ ଜୟ 'ପାଖଲୋକ' ମତଲବୀ ପ୍ରବର !
ଆଖି ବୁଜିବୁଜି ତୁମେ ଖାଉଥାଅ କ୍ଷୀର !
ଜୟ ଜୟ 'ପାଖଲୋକ' ରସିକ ଶେଖର !
ଭାବକୁ ନିକଟ ତୁମେ ଅଭାବକୁ ଦୂର !
ଜୟ ଜୟ 'ପାଖଲୋକ' ଗୋତ୍ରମରା ଡାହୁକ !
ତୁମକୁ ଅବଜ୍ଞା କଲେ ମିଳେ ନାନା ଦୁଃଖ !
ଜୟ ଜୟ 'ପାଖଲୋକ' ପକ୍କା ଟାଉଟର !
ଗୋଟି ଚାଳନାରେ ତୁମେ ଗୋଟାପଣେ ମାହିର !
ଜୟ ଜୟ 'ପାଖଲୋକ' ଗୁଣନିଧି ଗୋସେଇଁ !
ଅସମ୍ଭବ ବୋଲି ତୁମ ପାଖେ କିଛି ନାହିଁ !

ଜୟ ଜୟ 'ପାଖଲୋକ' ରିମୋର୍ଟ କଣ୍ଟ୍ରୋଲର !
'ମୁଖ୍ୟ'ଙ୍କୁ ନଚାଇପାର ଆମ୍ଭେ କେତେ ମାତର !
ତୁମକୁ ଆମ୍ଭେ କରୁଛୁ ଶତକୋଟି ସଲାମ !
ଦୋଷାଦୋଷ ନଘେନ ହେ 'ମୁଖ୍ୟ'ଙ୍କ ଗୋଲାମ !


'ଇନ୍ଦ୍ରଧନୁ', ଡୁପ୍ଲେକ୍ସ : ୧୦/ବି, ବୀମାବିହାର
ମର୍କତନଗର, ସେକ୍ଟର:୬, କଟକ:୭୫୩୦୧୪
ମୋ: ୯୪୩୭୦୯୦୯୮୫

# ସଧବାଙ୍କ ଆଭୂଷଣ ପାଲଟିଛି ମଙ୍ଗଳସୂତ୍ର: ଜାଣନ୍ତୁ, ପଡ଼ିଥାଏ କାହା କୃପା ଦୃଷ୍ଟି ?



ଶଙ୍ଖା, ଚୁଡ଼ି, ସିନ୍ଦୂର ପରି ମଙ୍ଗଳସୂତ୍ର ମଧ୍ୟ ସଧବା ନାରୀର ଆଭୂଷଣ। ନିଜ ସ୍ୱାମୀଙ୍କୁ ସଙ୍କଟରୁ ରକ୍ଷା କରିବା ତଥା ତାଙ୍କ ଦୀର୍ଘାୟୁ ନିମନ୍ତେ ମହିଳାମାନେ ବେକରେ ମଙ୍ଗଳସୂତ୍ର ଧାରଣ କରିଥାଆନ୍ତି। ହେଲେ ଜାଣିଛନ୍ତି ସଧବା ନାରୀ ମଙ୍ଗଳସୂତ୍ର ପିନ୍ଧିବା ପରମ୍ପରା କେବେଠୁ ଆରମ୍ଭ ହୋଇଛି।

ହିନ୍ଦୁ ଧର୍ମ ପୁରାଣ ଅନୁଯାୟୀ, ମଙ୍ଗଳସୂତ୍ର ପିନ୍ଧିବା ପରମ୍ପରା ମହାଦେବ ଶିବ ଓ ପାର୍ବତୀଙ୍କ ବିବାହଠୁ ଆରମ୍ଭ ହୋଇଛି। ମାତା ସତୀଙ୍କ ମୃତ୍ୟୁ ପରେ ଭଗବାନ ଶିବ ମାତା ପାର୍ବତୀଙ୍କୁ ଜୀବନସାଥୀ ଭାବେ ଚୟନ କରିଥିଲେ। ମାତ୍ର ପାର୍ବତୀଙ୍କୁ ବିବାହ ସମୟରେ ମାତା ସତୀଙ୍କ କଥା ଭାବି ଭାବି ବିଚଳିତ ହୋଇ ପଡ଼ିଲେ ମହାଦେବ । ମାତା ପାର୍ବତୀଙ୍କ ସହ ଯେପରି କେବେ କୌଣସି ଅଘଟଣ ନ ଘଟେ ସେଥିନିମନ୍ତେ ସେ ତାଙ୍କ ବେକରେ ହଳଦିଆ ସୂତାରେ କଳା ମୋତି ଗୁନ୍ଥି ଏକ ରକ୍ଷା ସୂତ୍ର ବାନ୍ଧି ଦେଇଥିଲେ। ଏହି ହଳଦିଆ ସୂତାକୁ ମା' ପାର୍ବତୀ ଓ କଳା ମାଳିକୁ ମହାଦେବ ବୋଲି କୁହାଯାଇଥାଏ। ସେବେଠୁ ହିନ୍ଦୁ ଧର୍ମରେ ବିବାହ ସମୟରୁ ମଙ୍ଗଳସୂତ୍ର ପିନ୍ଧିବା ପରମ୍ପରା ଆରମ୍ଭ ହୋଇଛି।

### ମଙ୍ଗଳସୂତ୍ର ପିନ୍ଧିବା ପଛର କାରଣ

-ବିଶ୍ୱାସ ରହିଛି, ମଙ୍ଗଳସୂତ୍ର ପିନ୍ଧିଲେ ସ୍ୱାମୀଙ୍କ ଉପରକୁ ଆସୁଥିବା ବିପଦ ଟଳି ଯାଇଥାଏ। ବୈବାହିକ ଜୀବନରୁ ସମସ୍ୟା ଦୂର ହୋଇଥାଏ।

-ମଙ୍ଗଳସୂତ୍ର ମା' ଦୁର୍ଗାଙ୍କ ୯ଟି ରୂପକୁ ନେଇ ଆଧାରିତ ଓ ଏହା ଶକ୍ତିର ପ୍ରତୀକ ବୋଲି ଧରାଯାଏ। ଏହା ପୃଥିବୀ, ବାୟୁ, ଅଗ୍ନି ଓ ଜଳର ମଧ୍ୟ ପ୍ରତୀକ ଅଟେ।

-ମଙ୍ଗଳସୂତ୍ର ସବୁବେଳେ ବେକରେ ଧାରଣ କଲେ ସଧବା ନାରୀଙ୍କ ମନରେ ସବୁବେଳେ ସକରାତ୍ମକ ଚିନ୍ତାଧାରା ଆସିଥାଏ । ଏଥିସହ ସେ ସବୁବେଳେ ନିଜକୁ ଉର୍ଜାବାନ ବୋଲି ଭାବିଥାନ୍ତି।

-ଏହାକୁ ଧାରଣ କଲେ ବୃହସ୍ପତି ଗ୍ରହଙ୍କ ଶୁଭ ଦୃଷ୍ଟି ପଡ଼ିଥାଏ। କାରଣ ମଙ୍ଗଳସୂତ୍ର ସୁନା କିମ୍ବା ହଳଦିଆ ଧାତୁରେ ତିଆରି ହୋଇଥାଏ। ଏହାକୁ ଧାରଣ କରିବା ଦ୍ୱାରା ସୂର୍ଯ୍ୟ, ଗୁରୁଙ୍କ ପ୍ରଭାବ ବୈବାହିକ ଜୀବନ ଉପରେ ପଡ଼ିଥାଏ। ସେହିପରି ଯେଉଁମାନେ କଳା ମାଳି ଥିବା ମଙ୍ଗଳସୂତ୍ର ପିନ୍ଧିଥାନ୍ତି ସେମାନଙ୍କ ଉପରେ ଶନି ଦେବତାଙ୍କ କୃପା ଦୃଷ୍ଟି ରହିଥାଏ।

-ସଧବା ମହିଳାଙ୍କ ପାଇଁ ଏହାକୁ ପିନ୍ଧିବାର ନିର୍ଦ୍ଧିଷ୍ଟ ସମୟ ନାହିଁ। ଏହାକୁ ଆପଣ ଛୁଆଁ, ଅଛୁଆଁ ଆଦି ସବୁ ସମୟରେ ପିନ୍ଧି ପାରିବେ।

-ଯେଉଁ ମହିଳା ସବୁବେଳେ ମଙ୍ଗଳସୂତ୍ର ଧାରଣ କରିଥାନ୍ତି, ତାଙ୍କ ଉପରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ କୃପା ଦୃଷ୍ଟି ପଡ଼ିଥାଏ ବୋଲି ବିଶ୍ୱାସ ରହିଛି।

## କାହିଁକି ସକାଳେ ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରା ସ୍ତର ଅଧିକ ଥାଏ ?

ମଧୁମେହ ରୋଗୀଙ୍କ ପଇଁ ସ୍ୱାସ୍ଥ୍ୟର ଯତ୍ନ ନେବା ଏକ ଚ୍ୟାଲେଞ୍ଜ। ଏହି ରୋଗକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ଔଷଧ ଅପେକ୍ଷା ଜୀବନଶୈଳୀରେ କେତେକ ନିୟମ ଆପଣାଇବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି। ତଥାପି ମଧୁମେହ ରୋଗୀଙ୍କର ଏକ ମୁଖ୍ୟ ସମସ୍ୟା ହେଲା, ସକାଳେ ରକ୍ତରେ ଶର୍କରା ସ୍ତର ବୃଦ୍ଧି। ବାସ୍ତବରେ ଏପରି କାହିଁକି ହୁଏ, ସକାଳେ ରକ୍ତରେ ଶର୍କରା ସ୍ତର ଅଧିକ ରହିବାର କାରଣ କଣ ଏବଂ ଏହାକୁ କିପରି ରୋକିବେ, ଜାଣନ୍ତୁଫ

ବ୍ୟାୟାମ - ଯେଉଁମାନେ ଶାରୀରିକ ଭାବରେ ସକ୍ରିୟ ନୁହଁନ୍ତି, ସେମାନଙ୍କର ରକ୍ତରେ ଶର୍କରା ସ୍ତର ସକାଳେ ବୃଦ୍ଧି ପାଇପାରେ। ତେଣୁ, ନିୟମିତ ଭାବରେ ଚାଲିବା, ଦୌଡ଼ିବା, ଜଗିଂ କିମ୍ବା କୌଣସି ପ୍ରକାରର କାର୍ଡିଓ ଏକ୍ସରସାଇଜ୍ କରିବା ଜରୁରୀ। ଏହି ବ୍ୟାୟାମ ଉପବାସ ସମୟରେ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖେ। ବିଳମ୍ବିତ ରାତିରେ ଖାଇବା - ଯେଉଁମାନେ ବିଳମ୍ବିତ ରାତିରେ ଖାଆନ୍ତି କିମ୍ବା ରାତିରେ ନିଦ ଭାଙ୍ଗିଗଲେ କିଛି ଉଠି ଖାଆନ୍ତି, ସକାଳେ ସେମାନଙ୍କ ରକ୍ତରେ ଶର୍କାରେ ବୃଦ୍ଧି ପାଇଥାଏ। ଏହା ସହିତ, ଯେଉଁମାନଙ୍କର ବିଳମ୍ବିତ ରାତିରେ ଜାଗ୍ରତ ରହିବାର ଅଭ୍ୟାସ ରହିଥାଏ, ସେମାନଙ୍କର ସକାଳେ ରକ୍ତରେ ଶର୍କରା ସ୍ତର ବୃଦ୍ଧି ହେବାର ଅଧିକ ସମ୍ଭାବନା ଥାଏ। ଯଦି ବ୍ଲଡ ସୁଗାରକୁ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି ତେବେ ରାତି ୮-୯ ଭିତରେ ଭୋଜନ କରିନିଅନ୍ତୁ। ଖାଇବା ଏବଂ ଶୋଇବା ମଧ୍ୟରେ ପାର୍ଥକ୍ୟ - ଅଧିକାଂଶ ଲୋକ ଖାଇବା ପରେ ତୁରନ୍ତ ଶୋଇପଡ଼ନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଖାଇବା ଏବଂ ଶୋଇବା ମଧ୍ୟରେ ଅତି କମରେ ୨-୩ ଘଣ୍ଟା ବ୍ୟବଧାନ ରଖିବାକୁ ପଡିବ। ରାତ୍ରୀ ଭୋଜନ ପରେ କିଛି ସମୟ ଚାଲିବାକୁ ଚେଷ୍ଟା କରନ୍ତୁ। ରାତିରେ ଅତ୍ୟଧିକ ମିଠା ଜିନିଷ ଖାଇବାଠାରୁ ଦୂରେଇ ରୁହନ୍ତୁ। ଓଜନ ନିୟନ୍ତ୍ରଣ କରନ୍ତୁ - ଯଦି ସକାଳେ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି, ତେବେ ପ୍ରଥମେ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଓଜନ ନିୟନ୍ତ୍ରଣ ପାଇଁ ହରମୋନର ସଠିକ୍ ସନ୍ତୁଳନ ଗୁରୁତ୍ୱପୂର୍ଣ୍ଣ।

# ବାକ୍‌ଶକ୍ତି ହରାଇଥିବା ବ୍ୟକ୍ତିଙ୍କ ପାଇଁ ବରଦାନ: ଭାବନା ପଢି ସଙ୍ଗେସଙ୍ଗେ ଅନୁବାଦ କରିବ ମେସିନ୍ !



ଷ୍ଟ୍ରୋକ୍ ପୀଡିତ ଏବଂ ଅନ୍ୟମାନେ ଯେଉଁମାନେ କଥା କହିବାର କ୍ଷମତା ହରାଇଛନ୍ତି, ଏହି ଟେକ୍ନୋଲୋଜିରୁ ସେମାନେ ଉପକୃତ ହୋଇପାରିବେ, ସେମାନଙ୍କୁ ସେମାନଙ୍କ ଭାବନା ପ୍ରକାଶ କରିବା ସହ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବାର ମାଧ୍ୟମ ହୋଇପାରିବ। ଯଦି ଆପଣଙ୍କ ମସ୍ତିଷ୍କ କିଏ ପଢିଦିଏ, ଆପଣ ଯାହା ଭାବନ୍ତି ଯଦି କିଏ ତାହା କହିଦିଏ ତେବେ କଣ ହେବ ଆପଣଙ୍କୁ ନିହାତି ଆଶ୍ଚର୍ଯ୍ୟ ଲାଗିବ। ତେବେ ଏପରି କରିବା ଏବେ ସହଜ ହେବ। କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକମାନେ ଏପରି ଏକ ମେସିନ୍ ପ୍ରସ୍ତୁତ କରୁଛନ୍ତି ଯାହା ଆପଣଙ୍କ ଭାବନାକୁ ପଢିବା ସହ ଏହାକୁ ଅନୁବାଦ ବି କରିପାରିବ।

ଗବେଷକମାନଙ୍କ କହିବା ଅନୁଯାୟୀ, ଏହି ନୂତନ ଉପକରଣ ଜଣେ ବ୍ୟକ୍ତିଙ୍କ ଚିନ୍ତାଧାରାକୁ ସିଧାସଳଖ ୭୯ ପ୍ରତିଶତ ସଠିକତା ସହିତ ଲିଖିତ ଭାବେ ଅନୁବାଦ କରିବାରେ ସକ୍ଷମ । ତେବେ ଏହି ନୂଆ ଟେକ୍ନୋଲୋଜି ମସ୍ତିଷ୍କ-କମ୍ପ୍ୟୁଟର ଇଣ୍ଟରଫେସ୍ (ଇଗଓ) ପ୍ରଯୁକ୍ତିବିଦ୍ୟାରେ ଏକ ପ୍ରମୁଖ ସଫଳତା ଭାବରେ ଉଭା ହୋଇଛି। ଯାହା କି ମୁକ ବ୍ୟକ୍ତିଙ୍କ ପାଇଁ ବରଦାନ ସାଜିବ।

କାଲଟେକ୍ ଗବେଷକମାନଙ୍କ ଅନୁଯାୟୀ, ଏହି ନୂଆ ଟେକ୍ନୋଲୋଜିର ମୂଳରେ ରହିଛି ଇଗଓ । ବର୍ତ୍ତମାନ ଏପରି ଏକ ସିଷ୍ଟମ କଳ୍ପନା କରାଯାଇଛି ଯାହାକି ମସ୍ତିଷ୍କ ଏବଂ କମ୍ପ୍ୟୁଟର ମଧ୍ୟରେ ଦୂରତାକୁ ଦୂର କରିପାରିବ । ତେବେ ଏକ ନିର୍ଦ୍ଦିଷ୍ଟ ଇଗଓ ବ୍ୟବହାର କରି ମସ୍ତିଷ୍କରେ ସୁପ୍ରମାର୍ଜିନାଲ୍ ଗାଇରସ୍ ନାମକ ଏକ ସ୍ଥାନକୁ ଟାର୍ଗେଟ୍ କରାଯାଇଛି। ଯାହାକି ଭାଷା ପ୍ରକ୍ରିୟାକରଣ ପାଇଁ ମସ୍ତିଷ୍କର ଏହି ଅଂଶ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ପ୍ରଥମେ, ଗବେଷକମାନେ ସୁପ୍ରମାର୍ଜିନାଲ୍ ଗାଇରସରେ ଛୋଟ ଇଲେକ୍ଟ୍ରୋଡ୍ ପ୍ରତିରୋପଣ କଲେ। ଯେତେବେଳେ ଆପଣ କୌଣସି ଶବ୍ଦ ବିଷୟରେ ଭାବନ୍ତି ସେତେବେଳେ ଏହା ଆପଣଙ୍କ କଥାକୁ ଶୁଣିପାରେ ଓ ମସ୍ତିଷ୍କ ଦ୍ୱାରା ଉତ୍ପନ୍ନ ବୈଦ୍ୟୁତିକ ସଂକେତକୁ ଧରିନିଏ। ଏହି ବୈଦ୍ୟୁତିକ ସଙ୍କେତଗୁଡ଼ିକର ଜଟିଳ ଢାଞ୍ଚାଗୁଡ଼ିକ ପରେ ଏକ କମ୍ପ୍ୟୁଟର ପ୍ରୋଗ୍ରାମରେ ଦିଆଯାଏ । ପ୍ରୋଗ୍ରାମଟି ଏକ କୋଡବ୍ରେକର ପରି, ବିଭିନ୍ନ ଧାରଣା ଏବଂ ଶବ୍ଦ ସହିତ ଜଡିତ ଏହାକୁ ଡିକୋଡ୍ କରିନିଏ ଓ ଅନୁବାଦ କରିଥାଏ।



ଏହି ପରୀକ୍ଷଣ ସମୟରେ, ଅଂଶଗ୍ରହଣକାରୀମାନଙ୍କୁ ଏକ ଭିଜୁଆଲ୍ ବିଷୟରେ ଚିନ୍ତା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହା ୭୯ ପ୍ରତିଶତ ସଠିକ ଅନୁବାଦ କରିଥିଲା। ଅଧ୍ୟୟନ ଅନୁଯାୟୀ, ଏହା କଥା କହିପାରୁନଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହୋଇଛି। ଷ୍ଟ୍ରୋକ୍ ପୀଡିତ ଏବଂ ଅନ୍ୟମାନେ ଯେଉଁମାନେ କଥା କହିବାର କ୍ଷମତା ହରାଇଛନ୍ତି, ଏହି ଟେକ୍ନୋଲୋଜିରୁ ସେମାନେ ଉପକୃତ ହୋଇପାରିବେ, ସେମାନଙ୍କୁ ସେମାନଙ୍କ ଭାବନା ପ୍ରକାଶ କରିବା ସହ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବାର ମାଧ୍ୟମ ଯୋଗାଇ ପାରିବ।

ତଥାପି, ଗବେଷକମାନେ କହିଛନ୍ତି ଯେ ଏହି ପ୍ରଯୁକ୍ତିବିଦ୍ୟା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଇଲେକ୍ଟ୍ରୋଡ ପ୍ରତିରୋପଣ ପାଇଁ ଅସ୍ତ୍ରୋପଚାର ଆବଶ୍ୟକ। ଗବେଷକମାନେ ମସ୍ତିଷ୍କର କାର୍ଯ୍ୟକଳାପକୁ ବିଶ୍ଳେଷଣ କରିବା ପାଇଁ ଲଗଜଓ ସ୍କାନ୍ ବ୍ୟବହାର କରିବା ଭଳି ପଦ୍ଧତି ନେଇ ଗବେଷଣା ଚଳାଇଛନ୍ତି। ଯାହା ଦ୍ୱାରା ବିନା କଷ୍ଟରେ ଏହାକୁ ବ୍ୟବହାର କରିହେବ। ତେବେ ଏପରି ହେଲେ ଅନେକ ରୋଗୀ ଉପକୃତ ହେବେ।

# ସ୍ୱପ୍ନରେ ଆସୁଛନ୍ତି କି ଅଜଣା ବ୍ୟକ୍ତି ? ଜାଣନ୍ତୁ, ଏହା ଦେଉଛି କେଉଁ ଇସାରା

**ଆଖିକୁ ନିଦ ଆସିଲେ ଭଳିକି ଭଳି ସ୍ୱପ୍ନ ଆସିଥାଏ। ମାତ୍ର ଆଖି ଖୋଲିଲେ ଏହାର ଅସ୍ତିତ୍ୱ ହଜି ଯାଇଥାଏ। କିନ୍ତୁ ଆପଣ ଦେଖୁଥିବା ସ୍ୱପ୍ନ ଭିନ୍ନ ଭିନ୍ନ ସଙ୍କେତ ଦେଇଥାଏ। ଏପରି ସ୍ଥଳେ ସ୍ୱପ୍ନରେ ଆପଣ ଅଜଣା ଚେହେରା ଦେଖିଲେ ଜାଣନ୍ତୁ ଏହାର ଅର୍ଥ କ'ଣ।**



♦ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ଆପଣ ସ୍ୱପ୍ନରେ ଅଜଣା, ଅଚିହ୍ନା ଲୋକଙ୍କୁ ଦେଖିଲେ ଏହାର ଅର୍ଥ କୌଣସି ବାହ୍ୟ ଶକ୍ତି ଆପଣଙ୍କ ଉପରେ ନଜର ରଖିଛି। ଏହା ସକରାତ୍ମକ ବା ନକରାତ୍ମକ ଶକ୍ତି ହୋଇପାରେ । ତେବେ ସ୍ୱପ୍ନରେ ଭିନ୍ନ ଭିନ୍ନ ସ୍ଥିତିରେ ଦେଖିଥିବା ଅଜଣା ଲୋକଙ୍କ ସ୍ୱପ୍ନ ଭିନ୍ନ କଥା ସୂଚିତ କରିଥାଏ।

♦ଅଜଣା ସ୍ଥାନରେ ଅଜଣା ଲୋକଙ୍କୁ ସ୍ୱପ୍ନରେ ଦେଖିଲେ ଏହା ଶୁଭ ସୂଚନା ଦେଇଥାଏ। ଏହାର ଅର୍ଥ ଆପଣ ଖୁବ୍ ଶୀଘ୍ର ବିଦେଶ ଯାତ୍ରାରେ ଯାଇ ପାରନ୍ତି। ଏଥିସହ ଏହି ସ୍ୱପ୍ନ ଆପଣଙ୍କ ପୂର୍ବର ମନୋସ୍କାମନା ପୂର୍ଣ୍ଣ ହେବା ଆଡ଼କୁ ବି ଇସାରା କରିପାରେ।

♦ସ୍ୱପ୍ନରେ ଆପଣ ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା କରିବା ଅର୍ଥ ଆପଣ ନିଜ ଜୀବନରେ ଏକୁଟିଆ ହୋଇଯିବାକୁ ସୂଚିତ କରିଥାଏ। । ଏହାର ଅର୍ଥ ଆପଣଙ୍କ ସାଙ୍ଗସାଥୀଙ୍କ ସଂଖ୍ୟା କମିପାରେ । ଆପଣଙ୍କ ସାମାଜିକ ସମ୍ପର୍କ ସଙ୍କୁଚିତ ହୋଇପାରେ। ଅର୍ଥାତ ଅନ୍ୟମାନଙ୍କ ସହ ଆପଣଙ୍କ ସମ୍ପର୍କ ଖରାପ ଦିଗକୁ ଗତି କରି ପାରେ।

♦ଅଜଣା ବ୍ୟକ୍ତି ସ୍ୱପ୍ନରେ ଆପଣଙ୍କୁ ଉପହାର ଦେଉଥିବାର ଦେଖିଲେ ଆପଣ ଖୁସି ହୋଇ ଯାଆନ୍ତୁ। ଏହାର ଅର୍ଥ ଅଚାନକ ଆପଣଙ୍କୁ ଧନ ଲାଭ ହୋଇପାରେ ଓ କୌଣସି ବଡ଼ ଖୁସି ଖବର ପ୍ରାପ୍ତ ହୋଇପାରେ।

♦ସ୍ୱପ୍ନରେ କୌଣସି ଅପରିଚିତ ଲୋକ ଆପଣଙ୍କ ପିଛା କରୁଥିବାର ଅର୍ଥ ଏହା ଆପଣଙ୍କ ଭିତରର ଡର ଓ ଭୟକୁ ଦର୍ଶାଇଥାଏ। ଏହାର ଅର୍ଥ ଆପଣ କୌଣସି ମାମଲାକୁ ସମାଧାନ କରି ନ ପାରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ତେଣୁ ଏପରି ସ୍ୱପ୍ନ ଆସିଲେ ଆପଣ ନିଜ ଜୀବନରେ ଥିବା ସମସ୍ୟାକୁ ସମାଧାନ କରିବାକୁ ଯତ୍ନବାନ ହୁଅନ୍ତୁ।

♦କୌଣସି ଅପରିଚିତ ବ୍ୟକ୍ତି ଆପଣଙ୍କ କବାଟ ବାଡ଼େଇବା ସ୍ୱପ୍ନ ଦେଖିଲେ ତାହାର ଅର୍ଥ ଆପଣଙ୍କ ଜୀବନରେ ଖୁବ୍ ଶୀଘ୍ର ପରିବର୍ତ୍ତନ ଆସିବାକୁ ଯାଉଛି। ଏହାର ଅର୍ଥ ଏହି ପରିବର୍ତ୍ତନ ସକରାତ୍ମକ ବା ନକରାତ୍ମକ ବି ହୋଇପାରେ।

♦ମୃତ ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖିବାର ଅର୍ଥ ଆପଣଙ୍କ ଜୀବନରେ ସତର୍କ ଘଣ୍ଟି ବାଜିବାକୁ ଯାଉଛି। ଏହାର ଅର୍ଥ ଖୁବ୍ କମ୍ ଦିନରେ ଆପଣ ସ୍ୱାସ୍ଥ୍ୟ ସମ୍ପର୍କୀତ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି। ତେଣୁ ଏପରି ସ୍ୱପ୍ନ ଆସିଲେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ଯାଆନ୍ତୁ ।

♦ବାରମ୍ବାର ଅପରିଚିତ ଲୋକଙ୍କୁ ସ୍ୱପ୍ନରେ ଦେଖିବାର ଅର୍ଥ ଆପଣ ଜୀବନରେ ଏକ ଭିନ୍ନ ଅନୁଭବ ଖୁବ୍ ଶୀଘ୍ର ସାଉଣ୍ଟି ପାରନ୍ତି। ପୂର୍ବରୁ କେବେ ସମ୍ମୁଖୀନ ହୋଇ ନ ଥିବା ପରିସ୍ଥିତିରେ ପଡ଼ି ହଡ଼ବଡ଼େଇ ଯାଇ ପାରନ୍ତି।

## ବ୍ଲଡ୍ ପ୍ରେସର କେତେ ରହିବା ଉଚିତ ?

ରକ୍ତ ଚାପ ବା ବ୍ଲଡ ପ୍ରେସର ଏବେ ଏକ ସାଧାରଣ ରୋଗରେ ପରିଣତ ହୋଇଗଲାଣି। ରକ୍ତଚାପକୁ ସାଇଲେଣ୍ଟ କିଲର ମଧ୍ୟ କୁହାଯାଉଛି। ଏହାର ଚିକିତ୍ସା କରା ନଗଲେ, ଧୀରେଧୀରେ ଏହା ଜଣେ ମଣିଷକୁ ଭିତରୁ ଫମ୍ପା କରି ଦେଇଥାଏ। ତେଣୁ ଠିକଣା ସମୟରେ ଏହାର ଚିହ୍ନଟ ଓ ନିରାକରଣ ନିହାତି ଆବଶ୍ୟକ। ୧୮ରୁ ୪୦ ବର୍ଷ ବୟସ ମଧ୍ୟରେ ଥିବା ଲୋକମାନେ ସୁସ୍ଥ ଓ ସବଳ ଥିଲେ ମଧ୍ୟ ପ୍ରତି ୩ ବର୍ଷରେ ଥରେ ନିଜର ବ୍ଲଡ ପ୍ରେସର ଚେକ କରିବା ଉଚିତ। ଏହାଦ୍ୱାରା ସେମାନଙ୍କ ଜୀବନ ଆହୁରି ସୁଖମୟ ଓ ସ୍ୱାସ୍ଥ୍ୟମୟ ହୋଇପାରିବ। ଚେକ୍ କଲେ ଅସୁବିଧା ଜଣାପଡ଼ିବ ଓ ଡାକ୍ତରମାନେ ଠିକଣା ସମୟରେ ଏହାର ଚିକିତ୍ସା କରିପାରିବେ। ନିକଟରେ ଆଇସିଏମଆର ଓ ଏନସିଡିଆଇଆର ପକ୍ଷରୁ ଗୋଟିଏ ରିସର୍ଚ୍ଚ କରାଯାଇଥିଲା। ଏହି ସମୟରେ ଜଣାପଡ଼ିଛି ଯେ ୩୦% ଭାରତୀୟ କେବେ ହେଲେ ସେମାନଙ୍କର ବ୍ଲଡ ପ୍ରେସର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚେକ କରୁ ନାହାନ୍ତି। ସିକେ ବିର୍ଲା ହସ୍ପିଟାଲର ଇଣ୍ଟରନାଲ ମେଡିସିନ ବିଭାଗର ଲିଡ୍ କନସଲଟାଣ୍ଟ ଡାକ୍ତର ତୁଷାର ତୟାଲ କହିଛନ୍ତି, "୪୦ ବର୍ଷ ବୟସ ଅତିକ୍ରମ କରିଯିବା ପରେ ପ୍ରତିଟି ଲୋକ ଅତିକମରେ ବର୍ଷକୁ ଗୋଟିଏ ଥର ସେମାନଙ୍କର ବ୍ଲଡ ପ୍ରେସର ମାପିବା ଦରକାର। ୧୮ରୁ ୪୦ ବର୍ଷ ବୟସ ମଧ୍ୟରେ ଥିବା ଲୋକମାନେ ପ୍ରତି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ସେମାନଙ୍କ ବ୍ଲଡ ପ୍ରେସର ଚେକ କରିବା ଦରକାର। ନଚେତ ସେମାନେ ଉଚ୍ଚ ରିସ୍କ ବର୍ଗକୁ ଚାଲି ଆସିବେ।" ଫୋର୍ଟିସ ହସ୍ପିଟାଲ ଡାକ୍ତର ଅଜୟ ଅଗ୍ରୱାଲ କହିଛନ୍ତି, "ପ୍ରତି ବ୍ଲଡ ପ୍ରେସର ରୋଗୀ ମାସକୁ ଥରେ ଡିଜିଟାଲ ବିପି ମିଟରରେ ନିଜର ରକ୍ତଚାପକୁ ମାପନ୍ତୁ। ସେମାନେ ବ୍ଲଡ ପ୍ରେସର ମାପିବା ପୂର୍ବରୁ ପ୍ରଥମେ ୧୫ ମିନିଟ ବିଶ୍ରାମ ନେବେ। ଏହାପରେ କୁଫକୁ ବାହୁର ଠିକ ମଧ୍ୟ ଭାଗରେ ଭଲ ଭାବେ ବାନ୍ଧିବେ। ଏହାପରେ ବ୍ଲଡ ପ୍ରେସରକୁ ଚେକ କରିବେ। ଏହାଦ୍ୱାରା ସଠିକ ନମ୍ବର ଆସିଥାଏ। କୌଣସି ରୋଗ ନଥିବା ଲୋକମାନଙ୍କ ବ୍ଲଡ ପ୍ରେସର ୧୪୦/୯୦ ତଳେ ରହିବା ଭଲ। ସେହିପରି ଯେଉଁମାନେ ମଧୁମେହ, ହାର୍ଟ, କିଡ୍‌ନୀ କିମ୍ବା ଆଖି ରୋଗ ଭଳି ସମସ୍ୟାରେ ରହିଛନ୍ତି, ସେମାନଙ୍କ ବ୍ଲଡ ପ୍ରେସର ଯେମିତି ହେଲେ ୧୩୦/୮୦ ତଳେ ରହିବ। ଏପରି ହେଲେ ବ୍ଲଡ ପ୍ରେସର ଠିକ ରହିଛି ବୋଲି କୁହାଯାଇ ପାରିବ ବୋଲି ଡାକ୍ତରମାନେ କହିଛନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ ୩୪% ଭାରତୀୟ ପ୍ରାକ୍ ବ୍ଲଡ ପ୍ରେସର ଷ୍ଟେଜରେ ରହିଛନ୍ତି। ସେମାନଙ୍କ ବ୍ଲଡ ପ୍ରେସର ସ୍ୱାଭାବିକ ଓ ହାଇପରଟେନସନ ମଧ୍ୟରେ ରହିଛି। ବ୍ଲଡ ପ୍ରେସର ଯୋଗୁ କାର୍ଡିଓଭାସକୁଲାର ରୋଗ ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ବିପିକୁ ଚେକ କରି ଏହା ନିୟନ୍ତ୍ରଣ ମଧ୍ୟରେ ନିୟମିତ ରଖିବା ଉଚିତ।




# ଦିନକୁ କେତେ ଥର ପରିସ୍ରା ହେଲେ ସୁସ୍ଥ ଅଛନ୍ତି ବୋଲି ଜାଣିବେ ?

ମଳ-ମୂତ୍ର ତ୍ୟାଗ ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ସଠିକ୍ ହେଲେ ଜଣେ ବ୍ୟକ୍ତି ସୁସ୍ଥ ବୋଲି ବିବେଚିତ ହୁଅନ୍ତି। କାରଣ ପରିସ୍ରା ମାଧ୍ୟମରେ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଥାଏ। ଏସବୁ ମଧ୍ୟରେ ସର୍ବଦା ମନକୁ ଏକ ପ୍ରଶ୍ନ ଆସେ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ କେତେ ଥର ପରିସ୍ରା କରିବା ଉଚିତ୍। ଯଦି ଏପରି କିଛି ଦ୍ୱନ୍ଦ୍ୱ ଅଛି, ତେବେ ପଢନ୍ତୁ ଏହି ରିପୋର୍ଟ...

*ଜଣେ ବ୍ୟକ୍ତି ଦିନକୁ କେତେ ଥର ପରିସ୍ରା କରିବା ଉଚିତ୍ ?:* ଯଦି ଆପଣ ଦିନକୁ ୪ରୁ ୭ କିମ୍ବା ୬ରୁ ୧୦ ଥର ପରିସ୍ରା କରୁଥାନ୍ତି, ତେବେ ଏହା ସ୍ୱାଭାବିକ। କାରଣ ଯଦି ୨ ଲିଟର ପାଣି ପିଉଛନ୍ତି, ତେବେ ୨ରୁ ୪ ଥର ପରିସ୍ରା କରିବାକୁ ପଡିପାରେ। ଏହା ଶରୀରର ତାପମାତ୍ରା, ବ୍ଲାଡରର ଆକାର, ବୟସ, ଖାଦ୍ୟ ଏବଂ ଅନେକ ଅଙ୍ଗର କାର୍ଯ୍ୟ ଉପରେ ମଧ୍ୟ ନିର୍ଭର କରେ। କିନ୍ତୁ ଯଦି ଏହାଠାରୁ କମ୍ ପରିସ୍ରା କରୁଛନ୍ତି ଏବଂ ନିୟମିତ ଭାବରେ ଏପରି ଘଟୁଛି ତେବେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟାର ସଙ୍କେତ ହୋଇପାରେ। କ'ଣ ସେହି ସବୁ ସଙ୍କେତ, ଜାଣନ୍ତୁ...

*କମ୍ ପରିସ୍ରା କରିବାର କାରଣ* : ଶରୀରରେ ଜଳର ଅଭାବ, ବ୍ଲାଡର ସଠିକ୍ ଭାବରେ କାମ ନ କରିବା, ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ସଂକ୍ରମଣ, ଶରୀରରେ କ୍ୟାଲସିୟମ ସ୍ତର ବୃଦ୍ଧି, ପ୍ରୋଷ୍ଟେଟ୍ ସମ୍ବନ୍ଧୀୟ ସମସ୍ୟା, ପରିଶେଷରେ କିଡନୀ ଏବଂ ପେଟ ସମ୍ବନ୍ଧୀୟ ରୋଗ କାରଣରୁ ମଧ୍ୟ ପରିସ୍ରାରେ ଅନିୟମିତତା ହୋଇପାରେ। ଯଦି ଏହିସବୁ ଲକ୍ଷଣ ଦେଖୁଛନ୍ତି, ତେବେ ଡାକ୍ତରଙ୍କୁ ଭେଟନ୍ତୁ।

# ବଲାଙ୍ଗିରରେ ୧୦୦୧ ଗଛ ଲଗାଇବା ଅଭିଯାନର ଆରମ୍ଭ : ପରିବେଶ ସୁରକ୍ଷା ପଥରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ବଲାଙ୍ଗିର, ୨୧/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ, ସହଯୋଗ ଫାଉଣ୍ଡେସନ ଏବଂ ଗୋ ଗ୍ରିନ ଅର୍ଗାନାଇଜେସନ, ଏହି ବର୍ଷ ୧୦୦୧ ଗଛ ଲଗାଇବା ପାଇଁ ସଂକଳ୍ପ ନେଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନର ଆରମ୍ଭ ଆଜି ଅନିଲ ମୋଦିଙ୍କ ନିବାସ ସ୍ଥାନ, ସୁଦପଡା, ବଲାଙ୍ଗିରରେ ହେଉଛି। ଏହି ଅବସରରେ ଆର୍ତତ୍ରାଣ ପାଢ଼ୀ, ସାବାସ ସାହୁ, ମନୋଜ ଜେନ୍, ବିନୋଦ ସାହୁ ଏବଂ ଗୋ ଗ୍ରିନ ର ପ୍ରତିଷ୍ଠାତା ସହଦେବ ପ୍ରଧାନ ଉପସ୍ଥିତ ଥିଲେ। ସହଯୋଗ ଫାଉଣ୍ଡେସନର ସମ୍ପାଦିକା ଶ୍ରୀମତୀ ପିଙ୍କି ମୋଦି କହିଛନ୍ତି, 'ଗଛ ଲଗାଇବା ସହିତ ଏହାର ଯତ୍ନ ନେବା ଆମର ନୈତିକ କର୍ତବ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସମସ୍ତଙ୍କୁ ପରିବେଶ ପ୍ରତି ଆମର ଦାୟିତ୍ୱ ଜଣାଇବାକୁ ଚାହୁଁଛୁ।' ସେ ଏହା ମଧ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ନିରନ୍ତର ଚାଲିଥିବ ଓ ଯେ କୌଣସି ସଂଗଠନ କିମ୍ବା ବ୍ୟକ୍ତି ଏହି ଅଭିଯାନରେ ସମ୍ମିଳିତ ହୋଇପାରିବେ। ଗଛ ଲଗାଇଲେ କେବଳ ପରିବେଶକୁ ସବୁଜ ରଖିବା ପାଇଁ ଆବଶ୍ୟକ ନୁହେଁ, ଏହା ଆମକୁ ପରିଷ୍କାର ବାତାବରଣ, ଛାୟା ଓ ଅନେକ ପରିବେଶୀୟ ଲାଭ ପ୍ରଦାନ କରେ। ଗଛ ହେଉଛି ପୃଥିବୀର ହୃଦୟ, ଯାହା ଆମ ଜୀବନକୁ ସଂଜୀବନୀ ପ୍ରଦାନ କରେ। ଜଗତର ଦୃଷ୍ଟିକୋଣରୁ ଦେଖିଲେ, ପ୍ରତ୍ୟେକ ଗଛ ଆମ ଭବିଷ୍ୟତ ପାଇଁ ଏକ ନୂତନ ଆଶାର ଜନ୍ମ ଦେଇଥାଏ। ଆସନ୍ତୁ, ଆମେ ସମସ୍ତେ ମିଶି ଏହି ଗଛ ପ୍ରତିଷ୍ଠା ଅଭିଯାନରେ ଆପଣଙ୍କ ଯୋଗଦାନ କରିବାକୁ ଅଗ୍ରସର ହୋଇବା ଓ ଆମ ପରିବେଶକୁ ପରିଷ୍କାର ଏବଂ ସବୁଜ କରିବାକୁ ଚେଷ୍ଟା କରିବା। ପ୍ରତ୍ୟେକ ମଣିଷଙ୍କ ଛୋଟ ଛୋଟ ପ୍ରୟାସ ଏକ ବଡ ପରିବର୍ତନ ଆଣିପାରେ । ପରିବେଶ ସୁରକ୍ଷାର ଏହି ଅଭିଯାନରେ ଆମ ସମସ୍ତଙ୍କର ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଆପଣଙ୍କ ଜୀବନରେ ଗଛ ଲଗାଇବା, ମାଟି ମାତାକୁ ଧନ୍ୟବାଦ କହିବାର ସବୁଠାରୁ ସୁନ୍ଦର ଉପାୟ। ସେଥିପାଇଁ ଆସନ୍ତୁ, ଏହି ଅଭିଯାନରେ ଭାଗ ନିଅନ୍ତୁ ଏବଂ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଏବଂ ପରିଷ୍କାର ପରିବେଶ ନିଶ୍ଚିତ କରନ୍ତୁ। 'ଗଛ ଲଗାନ୍ତୁ, ଜୀବନ ବଂଚାନ୍ତୁ' - ଏହି ମନ୍ତ୍ରକୁ ଜୀବନରେ ଆପଣାନ୍ତୁ ଏବଂ ଆପଣଙ୍କ ତଥା ଆପଣଙ୍କ ଅଂଚଳକୁ ଏକ ହରିତ ସ୍ୱର୍ଗରେ ପରିଣତ କରିବାକୁ ଆଜିଠୁ କାର୍ଯ୍ୟ ଆରମ୍ଭ କରନ୍ତୁ।

# ଏମଭି - ୧୧୬ ଗ୍ରାମରେ ପାଣି ପାଇଁ ହାହାକାର

ମାଲକାନଗିରି, ୨୧/୫ (ନି.ପ୍ର): ଜଳାଭାବ ଯୋଗୁଁ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଏମଭି-୧୧୬ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ପାଣି ସମସ୍ୟା ନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅବଗତ କରିଆସୁଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏହି ଗ୍ରାମରେ ପ୍ରାୟ ୮୦ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ତେବେ ଏହି ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ସହ ଏକାଧିକ ନଳକୂପ ଅଚଳ ଓ ଗ୍ରାମର ପୋଖରୀ ମଧ ଶୁଷ୍କ ହୋଇ ପଡ଼ି ରହିଛି । ଫଳରେ ଗତ କିଛି ମାସ ଧରି ଗ୍ରାମରେ ପାଣି ପାଇଁ ହାହାକାର ପରିସ୍ଥିତି ହୋଇଛି। ଗ୍ରାମରେ ମୋଟ ୬ଟି ନଳକୂପ ଥିବାବେଳେ ବର୍ଷେ ହେବ ୨ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସେହିପରି ଦୁଇଟି ବ୍ୟବହାର ଅନୁପଯୋଗୀ ଥିବା ବେଳେ ବର୍ତମାନ ଦୁଇଟି ନଳକୂପ ବ୍ୟବହାର ଉପଯୋଗୀ ହୋଇ ରହିଛି। ଏପରି ସ୍ଥିତିରେ ଦୁଇ ମାସ ପୂର୍ବରୁ ଲୋକେ ପୋଖରୀରେ ଗାଧୋଇବା, ବାସନ ମାଜିବା ଓ ଲୁଗାପଟା ଧୋଇବା ସହ ନଳକୂପ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ । ତେବେ ଗତ ମାସରୁ ପୋଖରୀ ପାଣି ଶୁଖିଯିବାରୁ ଲୋକେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମହିଳାମାନେ ଘଂଟା ଘଂଟା ଧରି ପାଣି ପାଇଁ ନଳକୂପ ନିକଟରେ ଅପେକ୍ଷା କରିବାକୁ ପଡୁଛି । ଗ୍ରାମରେ ରହିଥିବା ପୋଖରୀରେ ୪ ରୁ ୬ ଫୁଟ କାଦୁଅ ରହିଥିବାରୁ ଖରାଦିନରେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହି ପୋଖରୀର ପୁନରୁଦ୍ଧାର କରାଇବାକୁ ଗ୍ରାମବାସୀ ବିଭିନ୍ନ ସମୟରେ ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ଦୃଷ୍ଟି ଦେଉନଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମରେ ରହିଥିବା ଏକ ମାତ୍ର ଜଳ ଯୋଗାଣ ପ୍ରକଳ୍ପ ମଧ ବର୍ଷେ ହେଲା ଅଚଳ ହୋଇପଡ଼ିଛି । ଏଭଳି ପରିସ୍ଥିତିରେ ଏମଭି - ୧୧୬ ଗ୍ରାମରେ ରହିଥିବା ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ମରାମତି ସହ ପୋଖରୀର ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦେବାକୁ ଗ୍ରାମର ଉତମ ରାୟ, ଗୋବିନ୍ଦ ବିଶ୍ୱାସଙ୍କ ସମେତ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଯୁବକକୁ ସଂଘବଦ୍ଧ ଆକ୍ରମଣ: ୪ ଗିରଫ

ଜୟପୁର, ୨୧/୫ (ନି.ପ୍ର): ଯୁବକକୁ ସଂଘବଦ୍ଧ ଆକ୍ରମଣ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ୪ ଅଭିଯୁକ୍ତ ହେଲେ ବଙ୍ଗଳାବାଡର ପ୍ରଳୟ ପାତ୍ର, ବିପ୍ଲବ ପାତ୍ର, ବିଜୟ ପାତ୍ର ଓ ଜନଜା ନାୟକ । ପୋଲିସ ସୂଚନା ଅନୁଯାୟୀ, ଜୟପୁର ସହର ବଙ୍ଗଳାବାଡର ସଞ୍ଜିବ ମନହିରା (୩୫)କୁ ୪ ଜଣ ଯୁବକ ମିଶି ଠେଙ୍ଗା ବାଡିରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଫଳରେ ସଞ୍ଜିବର ମୁଣ୍ଡରେ ପ୍ରବଳ ଆଘାତ ଲାଗି ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଭବାନୀପାଟଣା, ୨୧/୫ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ରେ ଜିଲ୍ଲାପାଳ, କଳାହାଣ୍ଡି ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଜାନୁୟାରୀରୁ ଏପ୍ରିଲ ମଧରେ ୧୨୭ ଗୋଟି ରାସ୍ତା ଦୁର୍ଘଟଣା ଘଟି ୭୫ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ଗତବର୍ଷ ଏହି ସମୟରେ ୧୪୭ଟି ରାସ୍ତା ଦୁର୍ଘଟଣା ଘଟିଥିଲା। ଯଦିଓ ଦୁର୍ଘଟନା ହାର ଗତ ବର୍ଷ ଅପେକ୍ଷା କମିଛି କିନ୍ତୁ ମୃତ୍ୟୁହାର ଅଧିକ ରହିଛି ଏବଂ ଏହାର ମୁଖ୍ୟ କାରଣ ମଦ୍ୟପାନ କରି ଦୃତ ବେଗରେ ଗାଡ଼ି ଚଳାଇ ରାସ୍ତା ପାର୍ଶ୍ୱ ବୃକ୍ଷ, ପୋଲ ବାଡ଼, ଡିଭାଇଡରରେ ପିଟି ହୋଇ ନିଜସ୍ୱ ମୃତ୍ୟୁର ବାହାକ ହେଉଛନ୍ତି। କମିଟି ରିପୋର୍ଟ ଅନୁଯାୟୀ, ଛତିଗୁଡ଼ାରୁ ନର୍ଲା, ଛତିଗୁଡାରୁ କିଡ଼ିଂ, ବାନେରରୁ ଲଡୁ ଗାଁ, ଧର୍ମଗଡରୁ କୋକସରା ( ତାରାପୁର ), ମୁଖିଗୁଡାରୁ ମହୁଲପାଟଣା ରାସ୍ତାର ଆବଶ୍ୟକ ମରାମତି ଏବଂ ଯଥାଶୀଘ୍ର କାମ ସଂପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଏସ ଇ (ଆର୍ ଏଣ୍ଡ ବି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଭବାନୀପାଟଣା ବାଇପାସ୍ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ଧିର ଗତିରେ ଚାଲୁଥିବାରୁ ଜିଲ୍ଲାପାଳ ଏହାର ଓ୍ୱାନ ଓ୍ୱେ ରାସ୍ତା ଶୀଘ୍ର ସଂପୂର୍ଣ୍ଣ କରି ଭାରି ଯାନ ପରିବହନ ପାଇଁ ଶୀଘ୍ର କାମ ସମାପନ କରିବାକୁ ଆର୍ ଏଣ୍ଡ ବି କୁ ନିର୍ଦ୍ଦେଶ ଦେଇଥିଲେ। କମିଟି ସଭ୍ୟ ରାସ୍ତା ଅବରୋଧକୁ ହଟାଇବା, ରାସ୍ତା ମରାମତି, ଅବକାରୀ ବିଭାଗର ରାସ୍ତା ପାର୍ଶ୍ୱ ଦୋକାନର ମାଦକ ଦ୍ରବ୍ୟ ଚଢଉ ଓ ଜବତ, ହେଲମେଟ ଓ ସିଟ୍ ବେଲଟ୍ ବାରମ୍ବାର ଚେକିଙ୍ଗ, ଦୃତ ଗତି ଫାଇନ୍, ଦୁର୍ଘଟଣା ପ୍ରବଣ ସ୍ଥାନ ଓ ମୁଖ୍ୟ ଛକ ମାନଙ୍କରେ ଟ୍ରାଫିକ ନିୟମ ଉଲଘଂନ କଲେ ସିସି ଟିଭି ଦ୍ୱାରା ଚାଲାଣ କାଟିବା, ମାଲ ପରିବହନ ଗାଡ଼ି ମାନଙ୍କରେ ଯାତ୍ରୀ ନେବା ଗାଡ଼ିକୁ ଜବତ କରିବା, ମଦ୍ୟପାନ କରି ଗାଡ଼ିଚାଳକଙ୍କୁ ବ୍ରେଥ ଏନାଲାଇଜର ଦ୍ୱାରା ପରୀକ୍ଷା କରି ଫାଇନ୍ ଓ ଲାଇସେନ୍ସ ବାତିଲ ବ୍ୟବସ୍ଥା, ରାସ୍ତା ସଚେତନତା ଉପରେ ଗୁରୁତ୍ୱ ଦେଲେ ଅନେକାଂଶରେ ଦୁର୍ଘଟନାକୁ ରୋକାଯାଇପାରିବ ବୋଲି ମତ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ ମହାବିଦ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଅନଲାଇନ ଆବେଦନ ଓ ସଚେତନତା କ୍ୟାମ୍ପ କରିବାକୁ ଆର୍ ଟି ଓ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷ୍ୟ ଧାର୍ଯ୍ୟ ୪ କୋଟି ୬୬ ଲକ୍ଷ୍ୟ ଉପରେ ପରିବହନ ବିଭାଗ ୪ କୋଟି ୩୩ ଲକ୍ଷ ରାଜସ୍ୱ ଆଦାୟ କରିଛି, ଯାହାକି ୯୩ ପ୍ରତିଶତ ବୋଲି ଆର୍ ଟି ଓ ଗୃହରେ ସୂଚନା ଦେଇଥିଲେ । ଯେଉଁ ରାସ୍ତାରେ ରାସ୍ତା ନିରାପତା ସାଇନ୍ ବୋର୍ଡ, ସତର୍କତା ବାର୍ତା, ସୋଲାର ବ୍ଲିଙ୍କର, ଗତି ସୀମା ବୋର୍ଡ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନ୍ ଏଚ ଏବଂ ଆର୍ ବି ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ଗତ ଜାନୁୟାରୀରୁ ଏପ୍ରିଲ ମାସରେ ଜିଲ୍ଲାରେ ଆର୍ ଟି ଓ ଓ ପୋଲିସ ବିଭାଗ ଦ୍ୱାରା ଦୃତ ଗାଡ଼ି ଚାଳନା ପାଇଁ ୪୨୮, ବିନା ହେଲମେଟ ଓ ସିଟ୍ ବେଲ୍ଟ ଅପରାଧ ପାଇଁ ୧୨୭, ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ଡିପିଏଚଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ( ସଦର) ଭବାନୀପାଟଣା, ଇ ଇ, ଏନ୍ ଏଚ, ଏ ଇ ଇ, ଆର୍ ଏଣ୍ଡ ବି, ଇ ଇ ଆର୍ ଡ଼ ବ୍ଲୁ ଡି ଭବାନୀପାଟଣା,/କେସିଙ୍ଗା, ଅବକାରୀ ଅଧିକ୍ଷକ, ଇ ଓ, ମ୍ୟୁନିସିପାଲଟି, ଭବାନୀପାଟଣା/ ଏନ୍ ଏ ସି, କେସିଙ୍ଗା, କେସିଙ୍ଗା ଏବଂ ଜୁନାଗଡ ଟ୍ରକ ମାଲିକ ସଂଘ ସଭାପତି, ଓ ଏସ ଆର୍ ଟି ସି ଅଧିକାରୀ, ସଭ୍ୟ ସାମ୍ବାଦିକ ଶାନ୍ତନୁ ବେହେରା ଓ ଉମା ଶଙ୍କର କର,ଡି ଆଇ ପି ଆର୍ ଓ, ଆର୍ ଟି ଓ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଅର୍ଥ ହେରଫେର ମାମଲା : ୨ ଅଭିଯୁକ୍ତ ଦଣ୍ଡିତ

ଜୟପୁର, ୨୧/୫ (ନି.ପ୍ର): ସରକାରି ଅର୍ଥ ହେରଫେର ମାମଲା ଆଜି ଜୟପୁର ଭିଜିଲାନ୍ସ କୋର୍ଟ ରେ ଶୁଣାଣି ହୋଇଛି । ଜୟପୁର ସ୍ଥିତ ଭିଜିଲାନ୍ସ ଜଜ ରାଜେଶ ଏକ୍କା ମାମଲାର ବିଚାରଣା କରି ୨ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି । ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଳବିର ପଂଚାୟତର ପୂର୍ବତନ ପିଇଓଏନ ଇଶ୍ୱର ରାଓ, ପୂର୍ବତନ ସରପଂଚ ଜୟରାମ ଗଲରିକୁ ଦଣ୍ଡିତ କରିଛନ୍ତି । ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଆନାଦୟ ହେଲେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୧-୧୨ ମସିହାରେ ୧୧୯୬ ବସ୍ତା ସିମେଣ୍ଟ ଯାହାର ମୂଲ୍ୟ ୩ ଲକ୍ଷ ୧୨ ହଜାର ଟଙ୍କା ବ୍ଲକ ଦ୍ୱାରା ପ୍ରଦାନ କରାଯାଇଥିଲା । ଯାହାକୁ ହେରଫେର କରିଥିବା ନେଇ ଗତ ୨୦୧୩ ମସିହାରେ ଅଭିଯୋଗ ହୋଇଥିଲା । ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଆନାଦୟ ହେଲେ ଅଧିକା ୩ ମାସ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଉକ୍ତ ମାମଲାକୁ ସରକାରି ଓକିଲ ଶଶିଧର ପଟ୍ଟନାୟକ ପରିଚାଳନା କରିଥିଲେ ।

# ପୌରାଂଚଳରେ ବିଜେଡିର ପ୍ରଚାର

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ୧୮, ୨୦ ଓ ୨୧ନଂ ଓ୍ୱାର୍ଡରେ ବିଜେଡି ତରଫରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କାକଟ ମଙ୍ଗଳା ଛକ ଠାରୁ ଏହି ପ୍ରଚାର କାର୍ଯ୍ୟକ୍ରମ ରେ କାଉନସିଲର ଚୌଧୁରୀ ସୁକୁମାର ଦାସ, ଅସୀମା ନାୟକ, ପ୍ରଭାଶିଷ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ରାଜ୍ୟ ସଂପାଦକ ରଞ୍ଜିତ କୁମାର ସାହୁ ପ୍ରମୁଖ ନବୀନ ସରକାରଙ୍କ ନିର୍ମଳ ଶାସନ, ବିକାଶ କାର୍ଯ୍ୟକ୍ରମ ଉପରେ ଭୋଟରମାନଙ୍କୁ ବୁଝାଇବା ସହ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ପାଇଁ ଆହ୍ୱାନ ଦେଇଥିଲେ ।

# ସାଇକେଲ୍ ଚୋର ଗିରଫ

ଜୟପୁର, ୨୧/୫ (ନି.ପ୍ର): ସାଇକେଲ ଚୋରକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନଟିଆବାଡ ସାହିର ଏସ ଆନନ୍ଦ ଓରଫ କିଶୋର କୁମାର ପାଟଲା (୫୩) । ପୋଲିସ ସୂଚନା ଅନୁଯାଇ, ଜୟପୁର ସୁନାରି ସାହି ଭଡା ଘରେ ରହୁଥିବା କେ.ଏମ ଅନିତଙ୍କ ପୁଅର ଗିୟର ସାଇକେଲ ଗତ ୧୮ ତାରିଖରେ ଚୋରି ହୋଇଥିଲା । ଯାହାର ମୂଲ୍ୟ ୨୦୨୨ ରେ ୧୭ ହଜାର ୯ ଶହ ଟଙ୍କା ଥିଲା । ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆଜି ଅଭିଯୁକ୍ତ ଚୋରି ସାଇକେଲକୁ ଉମୁରି ଅଭିମୁଖେ ନେଉଥିବା ସମୟରେ ପୋଲିସ ଇନ୍ଦିରା ପଣ୍ଡା ଛକ ନିକଟରେ ଚଢଉ କରିଥିଲା । ଚଢଉ କରି ଚୋରି ସାଇକେଲକୁ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

ବଲାଣି, ୨୧/୫ (ନି.ପ୍ର): ଯୋଡ଼ା ବ୍ଲକ ବଲାଣି ପଂଚାୟତରେ ଚାଲିଛି ଠିକାଦାରଙ୍କ ମନମାନି ନୀତି । ଠିକାଦାର ଗ୍ରାମ ବାସୀଙ୍କ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳକୁ ବ୍ୟବହାର କରିବା ସହିତ ଅତି ନିମ୍ନମାନର ରାସ୍ତା କାର୍ଯ୍ୟ ଓ ଏହି କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ବ୍ୟବହାର କରୁଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ ଓ କାର୍ଯ୍ୟକୁ ବନ୍ଦ ରଖିବାକୁ ଦାବି କରିଥିଲେ । ତେବେ ଠିକାଦାର ଗ୍ରାମବାସୀଙ୍କ ବିରୋଧକୁ ଅଣଦେଖା କରି ଜୋର ଜବରଦସ୍ତ କାର୍ଯ୍ୟ ଜାରି ରଖିଥିଲେ । ଯେଉଁଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖା ଦେଇଛି । ସୂଚନାନୁସାରେ, ବଲାଣି ପଂଚାୟତର ହରମଠ ଗ୍ରାମରେ ପଂଚାୟତ ସମିତି ପାଣ୍ଠିରୁ ଏକ ପୁରୁଣା ରାସ୍ତା ଉପରେ ପୁନଃରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏହି କାର୍ଯ୍ୟରେ ରହିଥିବା କାର୍ଯ୍ୟାଦେଶ ଅନୁସାରେ ରାସ୍ତା କାମ ହେଉନଥିବା ଅଭିଯୋଗ ହେଉଛି । ରାସ୍ତା ଉପରେ ୧୨ ଇଂଚ ର କଂକ୍ରିଟ ପଡିବା ସ୍ଥାନରେ ଠିକାଦାର ୨ ଇଂଚ କଂକ୍ରିଟ ପକାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଉକ୍ତ କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ବେଳେ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏହା ବ୍ୟତୀତ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ରହିଥିବା ସମୟରେ ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ଜଳ ପ୍ରକଳ୍ପରୁ ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ପାନୀୟ ଜଳ ରାସ୍ତା କାର୍ଯ୍ୟ ପାଇଁ ଠିକାଦାର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ସରପଂଚ ମୁଗା ମୁଣ୍ଡା ଓ ଜେଇ ଅମୂଲ୍ୟ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଅଭିଯୋଗ ପରେ ମଧ ଠିକାଦାର ପାନୀୟ ଜଳକୁ ବ୍ୟବହାର କରିବା ସହିତ ଶିଶୁ ଶ୍ରମିକଙ୍କୁ ନେଇ ଅତି ନିମ୍ନମାନର କାର୍ଯ୍ୟ ଜାରି ରଖିଥିଲା । ତେବେ ନିର୍ବାଚନ ଆଉ ମାତ୍ର ସପ୍ତାହ ଅନ୍ତରାଳରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ନିମ୍ନମାନର ରାସ୍ତା କାମ, ପାନୀୟ ଜଳକୁ ରାସ୍ତା କାର୍ଯ୍ୟରେ ବ୍ୟବହାର କରିବା ଓ ଏହି କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ଯୋଗୁଁ ରାଜ୍ୟ ସରକାରଙ୍କ କର୍ଯ୍ୟକଳାପ ଉପରେ ଗ୍ରାମବାସୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ।

# ଅନୁପ୍ରବେଶକାରୀଙ୍କ ପାଇଁ ସମ୍ବଲପୁରରେ ବଢୁଛି ଅପରାଧ ଓ ସହର ହେଉଛି ଅଶାନ୍ତ

ସମ୍ବଲପୁର, ୨୧/୫ (ନି.ପ୍ର): ୨୦୨୨ ଡିସେମ୍ବର ୧୨ ଓ ୨୦୨୩ ଏପ୍ରିଲ ୧୨ ସମ୍ବଲପୁର ପାଇଁ ଦୁଇଟି କଳା ଦିବସ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଯାଇଛି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଏବଂ ପ୍ରଶାସନିକ ଦୁର୍ବଳତା ଓ ବିଫଳତା ପାଇଁ ଦୁଃଖ ଓ ନିର୍ଯ୍ୟାତିତ ହେଲେ ସମ୍ବଲପୁରବାସୀ । ସରକାରୀ ଷଡଯନ୍ତ୍ରରେ ସମ୍ବଲପୁରର ବହୁ ପ୍ରତିଷ୍ଠିତ ଆଇନଜୀବୀ ଓ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କୁ ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବାରେ ପଛେଇ ନଥିଲେ ରାଜ୍ୟ ସରକାର ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ବିଜେପି ନେତା ଡ଼. ପ୍ରମୋଦ ରଥ । ଆଜି ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବରିଷ୍ଠ ବିଜେପି ନେତା ଡ଼.ପ୍ରମୋଦ ରଥ । ଡ଼.ରଥ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଷୋଦଗାର କରି କହିଛନ୍ତି, ପ୍ରଥମେ ରାଜ୍ୟ ସରକାର ଷଡଯନ୍ତ୍ର କରି ଦୀର୍ଘ ପାଂଚ ଦଶନ୍ଧି ଧରି ଚାଲୁଥିବା ପଶ୍ଚିମ ଓଡିଶାରେ ହାଇକୋର୍ଟ ର ସ୍ଥାୟୀ ବେଂଚ ପ୍ରତିଷ୍ଠାର ଐତିହାସିକ ଆନ୍ଦୋଳନକୁ ଚପେଇ ଦେବାର ଅପଚେଷ୍ଟା କରିଥିଲେ । ୧୨ ଡିସେମ୍ବର ଦିନ ସମ୍ବଲପୁର କଚେରୀ ଅଂଚଳରେ ହୋଇଥିବା ଅପ୍ରିତିକର ଘଟଣା ପାଇଁ ଖୋଦ ପ୍ରଶାସନ ହିଁ ଦାୟୀ ରହିଥିଲା । ପରବର୍ତୀ ସମୟରେ ଆଇନଜୀବି ମାନଙ୍କୁ ଗିରଫ କରି ତାଙ୍କ ଉପରେ ଥାର୍ଡ଼ ଡିଗ୍ରୀ ଲାଗୁ କରି ଜେଲ ରେ ଭର୍ତି କରିଦେଇଥିଲା । ଯେଉଁ ଆଇନଜୀବି ମାନେ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଯାଇ ବିଚାରପତି ମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ ତାଙ୍କୁ ମଧ ପୋଲିସ ଛାଡ଼ିନଥିଲା । ଏହି ଘଟଣାର ଠିକ ଚାରି ମାସରେ ସମ୍ବଲପୁର ସହରରେ ଘଟିଥିଲା ପୁଣି ଏକ ଅଘଟଣ । ୧୪ ଏପ୍ରିଲ ହନୁମାନ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ପ୍ରତ୍ୟେକ ବର୍ଷ ପରି ୧୨ ଏପ୍ରିଲରେ ହୋଇଥିଲା ବିଶାଳ ବାଇକ ରାଲି । ବାଇକ ରାଲି ଉପରେ ହୋଇଥିଲା ଅତର୍କିତ ପଥର ଓ ପେଟ୍ରୋଲ ବୋମା ମାଡ଼ । ଏହି ଅଘଟଣରେ ଆହତ ହୋଇଥିଲେ ଉଭୟ ହନୁମାନ ଭକ୍ତ ଓ ପୋଲିସ କର୍ମୀ । ପରବର୍ତୀ ସମୟରେ ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା କରି ହନୁମାନ ଜୟନ୍ତୀ ଶୋଭାଯାତ୍ରକୁ ସୁରକ୍ଷା ଯୋଗେଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । କିନ୍ତୁ, ସେଦିନ ସହରରେ ଘଟିଥିଲା ହିଂସାକାଣ୍ଡ, ଜଣେ ଯୁବକଙ୍କ ମୃତ୍ୟୁ ସହିତ ଅନେକ ହୋଇଥିଲେ ଆହତ । ଦୁଇ ଦିନ ଭିତରେ ଶାନ୍ତିପୂର୍ଣ୍ଣ ସମ୍ବଲପୁର ସାହରରେ ହୋଇଥିବା ଦୁଇଟି ସମ୍ବେଦନଶୀଳ ଘଟଣା ସମ୍ବଲପୁରବାସୀଙ୍କୁ ଠେଲି ଦେଇଥିଲା ଏକ ଭୟର ବାତାବରଣକୁ । ଖୋଦ ଜଣେ ପୋଲିସ ଅଧିକାରୀ ଏଫ.ଆଇ.ଆର ଦାଖଲ କରିଥିଲେ ଓ ତାଙ୍କ ଅଭିଯୋଗପତ୍ରରେ ସେ ଯେଉଁ ଶବ୍ଦ ଓ ବାକ୍ୟ ସବୁ ଉଲ୍ଲେଖ କରିଥିଲେ ତାହା ଥିଲା ଅତି ଭୟଙ୍କର । ତାପରେ ଦେଖାଗଲା ରାଜ୍ୟର ଗଜବ ସରକାରଙ୍କ ଅଜବ ନୀତି । କଥା ସେତିକିରେ ସରିନଥିଲା, ଘଟଣାରେ ମାଡ଼ ଖାଇଥିବା, ଆହତ ହୋଇଥିବା ହନୁମାନ ଭକ୍ତଙ୍କୁ ଗିରଫ କରିଥିଲା ପୋଲିସ ଓ ତାଙ୍କ ଉପରେ କରିଥିଲା ଅକଥନୀୟ ଅତ୍ୟାଚାର । ଛଅ ମାସ ପର୍ଯ୍ୟନ୍ତ ଜେଲରେ ରହିଲେ ହନୁମାନ ଭକ୍ତ । ସେତେବେଳେ ସମ୍ବଲପୁର ଜିଲ୍ଲା ପୋଲିସ ମୁଖ୍ୟ ବାତୁଲା ଗଙ୍ଗାଧର ଖୋଦ ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାର କରିଥିଲେ ଯେ, ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର । ଯେଉଁ କୋଠା ଉପରୁ ପଥର ଓ ବୋମା ମାଡ଼ ହୋଇଥିଲା ସେଇ ଘରକୁ ଭଙ୍ଗାଯିବ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିନ୍ତୁ, ନା ଭଙ୍ଗା ଗଲା ସେ ବିବାଦୀୟ କୋଠା ନା ଗିରଫ ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ । ସବୁଠୁ ମହତ୍ୱପୂର୍ଣ୍ଣ କଥା ହେଲା ସମ୍ବଲପୁର ସହର ଏକ ଶାନ୍ତିପୂର୍ଣ୍ଣ ଓ ଭାଇଚାରାର ସହର । ଏଠାରେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ମିଶି କି ରୁହନ୍ତି ଓ ଜଣେ ଅନ୍ୟର ପର୍ବ ପର୍ବାଣିରେ ସହଯୋଗ ମଧ କରିଥାନ୍ତି । କିନ୍ତୁ, ସରକାରୀ ଦଳର ଭୋଟ ବ୍ୟାଙ୍କ ରାଜନୀତି ପାଇଁ ତୁଷ୍ଟିକରଣ ନୀତି ଅବଲମ୍ବନ ଓ ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟ ଯୋଗୁଁ ସମ୍ବଲପୁର ହେଉଛି ଅଶାନ୍ତ । ସହରରେ ବଢୁଛି ଚୋରି, ଡକାୟତି, ରାହାଜାନି, ନିଶା କାରବାର, ବେନିୟମ ବନ୍ଧୁକ ଚାଲାଣ, ହତ୍ୟା, ଲୁଣ୍ଠନ ଭଳି ଘଟଣାମାନ । ରାଜନୈତିକ ଚାପ ଯୋଗୁଁ ସବୁ ଜାଣି ଶୁଣି ମଧ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି । ପରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ଆସୁଥିଲେ ସମ୍ବଲପୁର । ଜେଲ ରେ ଥିବା ହନୁମାନ ଭକ୍ତ, ଆହତଙ୍କୁ ସାକ୍ଷାତ କରି ପ୍ରଶାସନ ସହିତ ଆଲୋଚନା କରିବା ପାଇଁ । ହେଲେ ସାଂସଦ ବିଧାୟକଙ୍କୁ ନେଇ ଆସିଥିବା ପ୍ରତିନିଧି ମଣ୍ଡଳୀକୁ ଝାରସୁଗୁଡା- ସମ୍ବଲପୁର ସୀମାରେ ଠେଲକୁଲି ଥାନାରେ ଅଟକ ରଖାଯାଇଥିଲା । ଡ଼.ରଥ ସମସ୍ତ ପ୍ରସଙ୍ଗ ଉତଥାପନ କରିବା ପରେ ରାଜ୍ୟ ସରକାରଙ୍କୁ ସିଧାସଳଖ ପ୍ରଶ୍ନବାଣ ମାରିଥିଲେ । ପ୍ରଥମେ ୧୨ ତାରିଖର ଅଘଟଣ ଓ ପୁଣି ୧୪ ତାରିଖରେ ଦଙ୍ଗା ଏତେବଡ ଘଟଣା ଗୁଡିକର ପୂର୍ବ ସୂଚନା ଦେବାରେ ଗୋଇନ୍ଦା ବିଭାଗ କିଭଳି ଗୁରୁତ୍ୱ ଦେଇନଥିଲା ? ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜି ପର୍ଯ୍ୟନ୍ତ କାହା ଚାପରେ ଗିରଫ କରାଯାଉନାହିଁ ? ଏତେ ବଡ଼ ଘଟଣା ଘଟିଲା, ଜଣେ ଯୁବକଙ୍କର ହତ୍ୟା କରାଗଲା, ଅନେକ ହନୁମାନ ଭକ୍ତ ଓ ପୋଲିସ ଆହତ ହେଲେ । କିନ୍ତୁ, ବିଜେଡିର ଜଣେ ହେଲେ ନେତା, ମନ୍ତ୍ରୀ, ବିଧାୟକ ମୁହଁ ଖୋଲିଲେ ନାହିଁ କେମିତି ? ସମସ୍ତ ଧର୍ମାବଲମ୍ବି ଲୋକଙ୍କୁ ତାଙ୍କର ଧର୍ମ ର ଆରାଧ୍ୟଙ୍କୁ ପୂଜା, ପ୍ରାର୍ଥନା କରିବା ସହ ଶୋଭାଯାତ୍ରା କରିବାର ସାମ୍ବିଧାନିକ ଅଧିକାର ରହିଛି । ଆଇନ ଶୃଙ୍ଖଳା ପରିସ୍ଥିତି ଆଳରେ ବର୍ଷ ବ୍ୟାପି ସମସ୍ତ ଧାର୍ମିକ ଶୋଭାଯାତ୍ରାକୁ ବନ୍ଦ କରି ଦିଆଯିବ ଗୃହ ବିଭାଗର ଅପାରଗତା ନୁହେଁ କି ? ବାରମ୍ବାର ଦାବି ହେଉଥିଲେ ମଧ କାହିଁକି ସମ୍ବଲପୁରରେ ରହୁଥିବା ହଜାର ହଜାର ସଂଖ୍ୟକ ଅନୁପ୍ରବେଶ କାରୀଙ୍କୁ ଚିହ୍ନଟ କରାଯାଇ ବାହାର କରାଯାଉ ନାହିଁ ? ଆଜିର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ସକ୍ରିୟ କାର୍ଯ୍ୟକର୍ତା ମୁକେଶ ଜରିଓ୍ୱାଲ ଓ ରଞ୍ଜିତ ରଥ ଉପସ୍ଥିତ ଥିଲେ ।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ଏମସିଏମସି କେନ୍ଦ୍ର ପରିଦର୍ଶନ

ଖୋର୍ଦ୍ଧା , ୨୧/୫ (ନି.ପ୍ର): ପୁରୀ ଲୋକସଭା ନିର୍ବାଚନ ଅନ୍ତର୍ଗତ ଚିଲିକା ବିଧାନସଭା କ୍ଷେତ୍ର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଟି ଭି ସୁଭାଷ ଆଜି ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ସେଠାରେ ଚାଲୁଥିବା ଏମସିଏମସି ତଥା ମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି କେନ୍ଦ୍ରକୁ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝି ଥିଲେ । ବିଭିନ୍ନ ପ୍ରିଂଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକ ମାନଙ୍କୁ ନିୟମିତ ପ୍ରଦାନ କରାଯାଉଥିବା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ପ୍ରିଂଟ, ଇଲେକ୍ଟ୍ରୋନିକସ ଚାନେଲ ଓ ସୋସିଆଲ ମିଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ ନିଉଜ ଗୁଡିକ ଉପରେ ଇସିଆଇର ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ତୁଲି ଆମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଏମସିଏମସିର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ । ଏହି ପରିଦର୍ଶନ ସମୟରେ ପର୍ଯ୍ୟବେକ୍ଷକଙ୍କ ଲିଆସନିଙ୍ଗ ଅଫିସର ଶ୍ରୀଲାଲ ସାହୁ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ସୁଭାଷ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା, ନୟାଗଡ଼ ଓ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟର ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରୁଛନ୍ତି।

# ଅନଲାଇନ୍ ଗେମ୍ ଖେଳି ଟଙ୍କା ହାରିଯିବାରୁ ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୧/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଏମଭି ୨୮ ଗ୍ରାମର ଜଣେ ଯୁବକ ଅନଲାଇନ୍ ଗେମ୍ ଖେଳି ଟଙ୍କା ହାରିଯିବାରୁ ଆତ୍ମହତ୍ୟା କରିଥିବା ଘଟଣା ଦୁଇ ଦିନ ନ ବିତୁଣୁ ସେହିପରି ଆଉ ଏକ ଘଟଣା ରବିବାର ଘଟିଯାଇଛି। ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ ଓ୍ୱାର୍ଡ ନଂ ୧ ସ୍ଥିତ ନୂଆସାହିର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ହେଲେ ଉକ୍ତ ସାହିର ପୂର୍ଣଚନ୍ଦ୍ର ବାଘଙ୍କ ପୁଅ ସରୋଜ ବାଘ (୨୨)। ମିଳିଥିବା ସୂଚନା ଅନୁଯାୟୀ, ସରୋଜ ନିଜ ସ୍ତ୍ରୀ ସନ୍ତୋଷୀ ବାଘ ଓ ଦୁଇଟି ସନ୍ତାନଙ୍କ ସହ ସୁଖରେ ପରିବାର ଚଳାଉଥିବା ବେଳେ କିଛି ଧାରକରଜ ହୋଇଥିବା ଯୋଗୁଁ ନିଜର କରଜ ସୁଝିବା ପାଇଁ ସାପ୍ତାହିକ ଗୃପ ରୁ କିଛି ଟଙ୍କା ଋଣ ଆକାରରେ ନେଇଥିଲେ। ତେବେ ଉକ୍ତ ଟଙ୍କାରେ ସେ କିଛି ବାକି ଶୁଝି ଥିବାବେଳେ ବଳକା ଟଙ୍କା ନିଜ ଆକାଉଂଟରେ ଜମା କରିଥିଲେ। ପୂର୍ବରୁ ସରୋଜଙ୍କୁ ଅନଲାଇନ୍ ଗେମ୍ ଖେଳିବାର ନିଶା ଲାଗିଥିବାରୁ ସେ ନିଜ ଆକାଉଂଟରେ ଥିବା ଜମାଟଙ୍କାରେ ଅନଲାଇନ୍ ଗେମ୍ ଖେଳିବାକୁ ଲାଗିଲେ। ଫଳରେ ଉକ୍ତ ଗେମ ରେ ସେ ସମସ୍ତ ଟଙ୍କା ହାରିଯାଇଥିଲେ। ରବିବାର ସକାଳେ ତାଙ୍କ ସ୍ତ୍ରୀ ସନ୍ତୋଷୀ କାମ କରିବା ପାଇଁ ବାହାରକୁ ଯାଇଥିବା ବେଳେ ତାଙ୍କ ମାଆ ଘର ଦାଣ୍ଡରେ କାମ କରୁଥିଲେ। କିଛି ସମୟ ପରେ ତାଙ୍କ ପଡ଼ୋଶୀ ଘର ଝିଅ ସରୋଜଙ୍କ ଘରକୁ ଆସି ସରୋଜଙ୍କ ଘର କବାଟ ବନ୍ଦ ଥିବା ଦେଖି ତାଙ୍କ ମା'ଙ୍କୁ କହିବାରୁ ତାଙ୍କ ମାଆ ବହୁବାର କବାଟକୁ ବାଡ଼େଇବା ସତ୍ତ୍ୱେ ସରୋଜ କବାଟ ଖୋଲି ନଥିଲା । ପରେ ପଡ଼ୋଶୀମାନଙ୍କୁ ଡାକି କବାଟ ଭାଙ୍ଗି ଦେଖିବାରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଓର୍କେଲ ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ୨୫ନଂ ଜୋନରେ ବିଜେଡିର ବିଶାଳ ସାଧାରଣ ସଭା



ବାଲେଶ୍ୱର, ୨୧/୫ (ନି.ପ୍ର): ୨୫ନଂ ଜୋନର ସିନ୍ଧିଆ ଗ୍ରାମପଞ୍ଚାୟତ ହାଟ ପୋଖରୀ ପଡ଼ିଆ ଠାରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବାଲେଶ୍ୱର ବିଜୁ ଜନତା ଦଳର ସଦର ବ୍ଲକ ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଉପ ନିର୍ବାଚନ ସମୟରେ ନବୀନ ବାବୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହେବା ସହ ୧୮୦୦ କୋଟି ଟଙ୍କାର ପ୍ରକଳ୍ପର କାର୍ଯ୍ୟ ସାଢେ ତିନି ବର୍ଷରେ ହୋଇ ପାରିଛି ।ଜନତା ଜାଣିଛନ୍ତି କିଏ ଜିତିଲେ ଓଡ଼ିଶାର ବିକାଶ ହେବ ।ଏହି ସଭାରେ ସାଂସଦ ପାର୍ଥିନୀ ଡ଼ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ନାରୀଙ୍କୁ ସମ୍ମାନ ଦିଅନ୍ତି ସେଥିପାଇଁ ଓଡ଼ିଶାର ନାରୀ ସମାଜ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି କିନ୍ତୁ ଅନ୍ୟ ଦଳ ତାହା କରିବା ତ ଦୂର କଥା ସେମାନେ କେବଳ ମିଛ ପ୍ରଚାର କରିବା ସହ ଜନତାଙ୍କୁ ବିଭ୍ରାନ୍ତି କରନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଗୋପିନାଥପୁର ସରପଞ୍ଚ ଶ୍ରୀ କମଲଲୋଚନ ପରିଡ଼ା, ଜିଲ୍ଲାପରିଷଦ ପ୍ରାର୍ଥୀ ସଂଜୟ ଦାସ, ସିନ୍ଧିଆ ଗ୍ରାମପଞ୍ଚାୟତର ବିଡେଡ଼ି ସଭାପତି ପ୍ରସନ୍ନ କୁମାର ଜେନା, ବୁଆଁଳ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିବା ବେଳେ ନିଧିପଣ୍ଡା ବାଇପାସରୁ ଏକ ବିଶାଳ ଶୋଭାଯାତ୍ରାରେ ସାଂସଦ ଓ ବିଧାୟକ ପାର୍ଥୀଙ୍କୁ ସଭା ସ୍ଥଳରେ ନିଆଯାଇଥିଲା ।ଏହି ଅବସରରେ ଅଭିନେତ୍ରୀ ଜିନା, ଭୂମିକା ଏବଂ ଅଭିନେତା ସ୍ୱରାଜ ବାରିକ ପ୍ରମୁଖ ଦଳୀୟ ପାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ ।

## ବିବାହିତା ମହିଳାଙ୍କୁ ଦୁଷ୍କର୍ମ ପରେ ମହିଳାଙ୍କ ଆତ୍ମହତ୍ୟା

ଭବାନୀପାଟଣା, ୨୧/୫ (ନି.ପ୍ର): ସ୍ୱାମୀ ନ ଥିବାର ସୁଯୋଗ ନେଇ ସ୍ତ୍ରୀ ଦୁଷ୍କର୍ମ ର ଶିକାର । ଗାଁ ରେ ଚର୍ଚ୍ଚା ପରେ ଥାନାରେ ଅଭିଯୋଗ କଲେ, ଲୋକ ଲଜ୍ୟା ସହିନପାରି ଶେଷରେ ଆତ୍ମହତ୍ୟା କଲେ ପୀଡ଼ିତା । ଏଭଳି ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଅଁଳାଭଟା ପଂଚାୟତ ଟିଙ୍ଗୋପଖାନ ଗ୍ରାମରେ । ଉମା ମାଝୀଙ୍କ ସ୍ତ୍ରୀ ପୂର୍ଣ୍ଣମୀ ମାଝୀ (୨୫) ଗତ ଅପ୍ରେଲ ୨୨ ତାରିଖ ଦିନ ଏକ ବିବାହ ଭୋଜି ଚାଲିଥିବା ସମୟରେ ତାଙ୍କର ଗ୍ରାମର ଅରୁଣ ମାଝୀ ବୟସ (୨୮) ସମ୍ପର୍କରେ ଦେଢ଼ସୁର ତାଙ୍କୁ କାମ ଅଛି କହି ଘର ଭିତରକୁ ଆସିବାକୁ କହିଥିଲେ । ଭିତରକୁ ଯିବା ପରେ ମୁଁହ ଓ ହାତକୁ ଗାମୁଛା କପଡାରେ ବାନ୍ଧି ଜୋରଜବରଦସ୍ତି ଘର ପାଖ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲା । ଯଦି ଏହି ବିଷୟରେ କାହାକୁ କହିଲେ ଜୀବନରୁ ମାରି ଦେବି ବୋଲି ପୂର୍ଣ୍ଣମୀ ମାଝୀକୁ ଧମକ ଦେଇଥିଲା । ଯାହା ଫଳରେ ପୂର୍ଣ୍ଣମୀ ଏ ବାବଦରେ କାହାରିକୁ କିଛି ଜଣେଇ ନ ଥିଲେ । ଗାଁ ରେ ଚର୍ଚ୍ଚା ହେବା ପରେ ସେ ଝିଅ ନିଜ ବାପ ଘରକୁ ଜାମଚୁଆଁ ଆସିଥିଲେ । ମା ବାପାକୁ ଏବଂ ସ୍ୱାମୀକୁ କହିବା ପରେ ଗତକାଲି ଥାନାରେ ଅଭିଯୋଗ କରିଥିଲେ, ହେଲେ ଆଜି ସକାଳେ ଲୋକଲଜ୍ୟା ସହିନପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଘଟଣାସ୍ଥଳରେ ପୋଲିସ ଆସି ତଦନ୍ତ ଆରମ୍ଭ ହୋଇଛି ।

## ଗୁଣିଗାରେଡି ସନ୍ଦେହରେ ଯୁବକଙ୍କୁ ମାଡ଼

ମାଲକାନଗିରି, ୨୧/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାଲଦାପାଲ୍ଲୀ ପଂଚାୟତ ଅନ୍ତର୍ଗତ ତାଙ୍ଗୁଡ଼କୋଣ୍ଡା ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ ନିସ୍ତୁକ ମାଡ଼ ହୋଇଥିବା ଜଣାପଡିଛି । ଯୁବକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଗଲେ କିମ୍ବା ଥାନାରେ କେସ କଲେ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବା ପାଇଁ ଦେଲେ ଧମକ । ଏହିପରି ଘଟଣାରେ ପରିବାର ବର୍ଗ ଭୟଭୀତ ହୋଇପଡିଛନ୍ତି । ଘଟଣା ସମ୍ପର୍କରେ ପୋଲିସ ଜାଣି ପାରି ତୁରନ୍ତ ଉକ୍ତ ଗ୍ରାମରେ ପହଂଚି ଆହତ ଯୁବକକୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ । ଘଟଣାଟି ଘଟିଛି ମାଲକାନଗିରି ଜିଲ୍ଲା ଏମଭି ୭୯ ଥାନା ପଡିଆ ବ୍ଲକ କାଲଦାପାଲ୍ଲୀ ପଂଚାୟତ ଅନ୍ତର୍ଗତ ତାଙ୍ଗୁଡ଼କୋଣ୍ଡା ଗ୍ରାମରେ । ମାଡ଼ ଖାଇଥିବା ଯୁବକ ଜଣକ ହେଲେ ଗ୍ରାମର ଚେନସା ମାଢ଼ି । ଚେନସାଙ୍କ କହିବା ଅନୁଯାଇ, ଗ୍ରାମବାସୀଙ୍କୁ କିଛିଦିନ ପୂର୍ବେ ସ୍ୱପ୍ନ ହୋଇଥିଲା ଯେ ସେ ଗୁଣି ଗାରେଡି କରୁଛି । ଏହାକୁ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସିଥିଲା । ସେଠାରେ ତାଙ୍କୁ ମାଡ ମାରିବା ସହ ବେକରେ ରସି ଲଗାଇ ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨୧/୫ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ର ସାପ୍ତାହିକ ସତ୍ସଙ୍ଗ ସହିତ ,ଆଶ୍ରମର ମୁନିମତୀ ସଙ୍ଗଯୁକ୍ତା ବେହେରା-ମୁନି ଗଗନ ବେହେରାଙ୍କ ସୁ କନ୍ୟା ଆୟୁଷ୍ମତୀ ଅର୍ପିତା ବେହେରାଙ୍କ ତ୍ରୟୋଦଶତମ ଶୁଭ ଜନ୍ମଦିନ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜିଲ୍ଲା ସମ୍ପାଦକ,ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚ ପରିଚାଳନା କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ ।ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ଆଶିର୍ବାଦ ପ୍ରଦାନ କରିଥିଲେ, ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ଏବଂ କଣ୍ଠଶିକ୍ଷୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ।ଉପସ୍ଥିତ ଥିଲେ ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ବାସନ୍ତୀ ମହାଳିକ,ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିମତୀ ବାସନ୍ତୀ ଗିରି, ମୁନିମତୀ ଅପୂର୍ବ ବେହେରା, ମୁନିମତୀ ସରସ୍ୱତୀ ନନ୍ଦ, ମୁନି ଶ୍ରୀନାଥ ବେହେରା, ନୀଳ ସାହୁ, ମୁନିକୁମାରୀ ମିନତୀ ଦଳାଇ, ମୁନିରାଜ ଅନାଦି ବାରିକ,ମୁନିମତୀ ଜୁନ ଦଳାଇ, ମୁନିମତୀ ମିନତୀ ବର, ମୁନିମତୀ ସଙ୍ଗଯୁକ୍ତା ପରିଡ଼ା, ମୁନିମତୀ କୁନି ମାଝୀ, ମୁନିମତୀ ଜୟନ୍ତୀ ଗିରି, ମୁନିମତୀ ମେଘମାଳା ଜେନା, ମୁନିମତୀ ମିନତୀ ଜେନା, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ସୀତା ବେହେରା ,ମୁନିମତୀ ଯମୁନା ବର, ମୁନିମତୀ ଜାହ୍ନବୀ ଗିରି,ମୁନି ସିନ୍ଧୁ ସିଂ,ମୁନି ଗଣେଶ୍ୱର ବର, ମୁନି ମାର୍କଣ୍ଡ ବର, ମୁନି ସତ୍ୟ ସେନାପତି, ମୁନି ଗଜେନ୍ଦ୍ର ପରିଡା,ମୁନି ଯୋଗେନ୍ଦ୍ର ବେହେରା ଏବଂ ମୁନି କୁମାର ତାପସ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ମୁନିକୁମାରୀ ଅର୍ପିତା ଙ୍କୁ,ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ପିତା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ବିଜେଡି ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ



ବାସୁଦେବପୁର, ୨୧/୫ (ନି.ପ୍ର): ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଆଜି ପ୍ରଥମେ ମାଆ ଭେଡା ନାୟ କାଣୀ ମନ୍ଦିର ରେ ବିଧାନ ସଭା ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ପୂଜା ପାଠ କରି ଆଶୀର୍ବାଦ ନେଇଥିଲେ । ସେଠାରୁ ବାହାରି ପାନପୁର ବାଲି ମେଦ, ରାଜ ଘର ପୋଖରି, ଗୋବିନ୍ଦ ପୁର, କରଞ୍ଜ ଆଡିଆ ବାଟ ଦେଇ ବିରସ ପଞ୍ଚାୟତ ରେ ଶୋଭାଯାତ୍ରାରେ ପହଞ୍ଚି ଥିଲେ । ଏହି ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ, ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀ ପ୍ରତିନିଧି ଅସିତ୍ କୁମାର ଦାଶ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, କାଳନ୍ଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଅମର ରହେ, ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ, ନୀଳମଣି ରାଉତରାୟ ଅମର ରହେ, ବିଜୟ ଶ୍ରୀ ରାଉତରାୟ ଅମର ରହେ, ଜିତୁ ବାବୁ ଜିନ୍ଦାବାଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା । ବିଷ୍ଣୁ ବ୍ରତ ରାଉତରାୟ ଆଜି ବିଶାଳ ଶୋଭାଯାତ୍ରା ରେ ଗୁରୁଜନ ଭାଇ ଭଉଣୀ ମାନଙ୍କୁ ପ୍ରଣାମ କରିବା ସହିତ ସମସ୍ତ ଜନ ସାଧାରଣ ଙ୍କୁ ଅଭିନନ୍ଦନ ଜଣାଇଥିଲେ । ହଜାର ହଜାର ଲୋକ ବାଇକ୍ ଶୋଭାଯାତ୍ରା ରେ ଯୋଗ ଦେଇଥିଲେ ଓ ଏହି ଶୋଭାଯାତ୍ରା ଜନ ସମୁଦ୍ର ହୋଇ ଥିଲା ଓ ଆକର୍ଷଣୀୟ ହୋଇ ଥିଲା ।

## ଚଉମୁଖ ପଂଚାୟତରେ କଂଗ୍ରେସର ବିଶାଳ ନିର୍ବାଚନୀ ସମାବେଶ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୨୧/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀର ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ଚଉମୁଖ ପଞ୍ଚାୟତରେ ରବିବାର ସନ୍ଧ୍ୟା ରେ କଂଗ୍ରେସର ଏକ ବିଶାଳ ନିର୍ବାଚନୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି ।ଚଉମୁଖ ପଂଚାୟତର କଂଗ୍ରେସ ପଞ୍ଚାୟତ ସଭାପତି ରମଣୀ କାନ୍ତ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜନ ନାୟକ ଯୋଗ ଦେଇ ବକ୍ତବ୍ୟ ମାଧ୍ୟମରେ କହିଥିଲେ ମୋ ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଭିଟାମାଟି ଲଢେଇ ଜାରି ରହିବ । ବନ୍ଦର ଓ ପେଟ୍ରୋ କେମିକାଲ ପ୍ଲାଣ୍ଟ ବିରୋଧ ଜାରି ରହିଥିବା ସଂଗ୍ରାମରେ ମୁଁ ଆଗରୁ ଆପଣ ମାନଂକ ସହିତ ଥିଲି, ଆଜି ମଧ୍ୟ ଆପଣ ମାନଂକ ସହିତ ଅଛି, ଆଗକୁ ମଧ୍ୟ ଆପଣ ମାନଂକ ସହିତ ରହିବି ଏହା ମୋର ବଜ୍ର ଶପଥ କରିବା ସହିତ ଉପସ୍ଥିତ ଜନ ସାଧାରଣ ଙ୍କୁ ବାଲେଶ୍ୱର ସାଂସଦ କ୍ଷେତ୍ରର ଏମ ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଙ୍କ ସହିତ ବସ୍ତା ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକଙ୍କୁ ହାତ ଚିହ୍ନ ରେ ଭୋଟ ଦେଇ ବିପୁଳ ସଙ୍ଖ୍ୟା ରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏହି ସମାବେଶରେ ବଡ଼ାଶ ପଂଚାୟତର ସରପଞ୍ଚ ଜଗନ୍ନାଥଙ୍କ ବିଶ୍ୱାଳ, ଚଉମୁଖ ପଞ୍ଚାୟତର ସରପଞ୍ଚ ବାସନ୍ତୀ ରଞ୍ଜିତ,ଚଉମୁଖ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ବେଣୁଧର ରଞ୍ଜିତ,ସମିତି ସଭ୍ୟ ତଥା ବାଲିଆପାଳ ପଞ୍ଚାୟତ ସମିତିର ଉପାଧକ୍ଷ ରାଜେଶ ଚୌଧୁରୀ,୨୪ ନମ୍ବର ଜୋନ ର ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତୀର୍ଥ ନାଗ ଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଓ ଯୁବ ନେତା ବକ୍ତବ୍ୟ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର କଂଗ୍ରେସ ଦଳର ଏମ ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଏବଂ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜନ ନାୟକ ଙ୍କୁ ହାତ ଚିହ୍ନ ରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଜନସାଧାରଣ ଙ୍କ ଠାରେ ଭୋଟ ଭିକ୍ଷା କରିଥଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୫ରେ ବାଲେଶ୍ୱର...

ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଜି ନୂଆପଡ଼ା ରାଜ୍ୟର ଉତ୍ତପ୍ତ ସହର । ଏଠାରେ ତାପମାତ୍ରା ୪୨.୨ ଡିଗ୍ରୀ କରାଯାଇଛି । ସେହିପରି ସୁନ୍ଦରଗଡ଼ରେ ୪୧.୨ ଡିଗ୍ରୀ, ବୌଦ୍ଧରେ ୪୦.୫ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୫ ଡିଗ୍ରୀ, ଝାରସୁଗୁଡ଼ାରେ ୪୦.୪ ଡିଗ୍ରୀ, ବଲାଙ୍ଗିରରେ ୪୦.୪ ଡିଗ୍ରୀ, ଭବାନୀପାଟଣାରେ ୪୦ ଡିଗ୍ରୀ, ଟିଟିଲାଗଡ଼ରେ ୪୦ ଡିଗ୍ରୀ, ଛତ୍ରପୁରରେ ୩୯.୬ ଡିଗ୍ରୀ, ତାଳଚେରରେ ୩୮.୮ ଡିଗ୍ରୀ, ସମ୍ବଲପୁରରେ ୩୮.୬ ଡିଗ୍ରୀ, ମାଲକାନଗିରିରେ ୩୮.୫ ଡିଗ୍ରୀ, ରାଉରକେଲାରେ ୩୮.୩ ଡିଗ୍ରୀ, ଢେଙ୍କାନାଳରେ ୩୮ ଡିଗ୍ରୀ, ସୋନପୁରରେ ୩୭.୮ ଡିଗ୍ରୀ, ଭୁବନେଶ୍ୱରରେ ୩୭.୭ ଡିଗ୍ରୀ, ଜଗତସିଂହପୁରରେ ୩୭.୫ ଡିଗ୍ରୀ, ରାୟଗଡ଼ାରେ ୩୭.୪ ଡିଗ୍ରୀ, ହୀରାକୁଦରେ ୩୭.୩ ଡିଗ୍ରୀ, ନୟାଗଡ଼ରେ ୩୭.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୭ ଡିଗ୍ରୀ,ନବରଙ୍ଗପୁରରେ ୩୭ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୬.୮ ଡିଗ୍ରୀ, କଟକରେ ୩୬.୫ ଡିଗ୍ରୀ, ଫୁଲବାଣୀରେ ୩୬.୫ ଡିଗ୍ରୀ, ଯାଜପୁରରେ ୩୬.୫ ଡିଗ୍ରୀ, ବରଗଡ଼ରେ ୩୬.୪ ଡିଗ୍ରୀ, ଅନୁଗୋଳରେ ୩୬.୧ ଡିଗ୍ରୀ, ଚାନ୍ଦବାଲିରେ ୩୫.୮ ଡିଗ୍ରୀ, ପୁରୀରେ ୩୫.୮ ଡିଗ୍ରୀ, କେନ୍ଦୁଝରରେ ୩୫.୫ ଡିଗ୍ରୀ, ଭଦ୍ରକରେ ୩୫.୫ ଡିଗ୍ରୀ, ଦେବଗଡ଼ରେ ୩୫ ଡିଗ୍ରୀ, ଗୋପାଳପୁରରେ ୩୫ ଡିଗ୍ରୀ, ପାରାଦୀପରେ ୩୪.୬ ଡିଗ୍ରୀ, କୋରାପୁଟରେ ୩୪.୪ ଡିଗ୍ରୀ, ବାଲେଶ୍ୱରରେ ୩୪.୪ ଡିଗ୍ରୀ ଓ ଦାରିଙ୍ଗବାଡ଼ିର ତାପମାତ୍ରା ୩୨.୫ ଡିଗ୍ରୀ ରେକର୍ଡ କରାଯାଇଛି ।

## କ୍ଷମା ପ୍ରାର୍ଥନା କଲେ ...

ଏହାକୁ ନେଇ ସ୍ପଷ୍ଟୀକଣ ରଖିଛନ୍ତି ସମ୍ବିତ ପାତ୍ର । ଏମିତିକି ଉକ୍ତ ଭୁଲ ପାଇଁ ମହାପ୍ରଭୁଙ୍କ ଚରଣରେ ଦଣ୍ଡବତ ହୋଇ କ୍ଷମା ମାଗୁଛି ବୋଲି ସମ୍ବିତ ସୋଶୋଲ୍ ମିଡିଆ 'ଏକ୍ସ'ରେ ପ୍ରତିକିୟା ରଖିଛନ୍ତି । ଏହାସହ ଏଭଳି ଭୁଲର ପଶ୍ଚାତାପ ପାଇଁ ୩ ଦିନ ଉପବାସ ରହିବେ ବୋଲି ମଧ୍ୟ କହିଛନ୍ତି । ଗତକାଲି ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ ଶୋ'ରେ ଯୋଗ ଦେବା ଅବସରରେ ଭୁଲବଶତଃ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କରେ ଏକ ଶବ୍ଦ ତାଙ୍କ ପାଟିରୁ ବାହାରି ଯାଇଥିଲା । ସମ୍ବିତଙ୍କ ଏଭଳି ମନ୍ତବ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ୍ସରେ ଏକ ପୋଷ୍ଟ କରି ଏହା ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି କହିଥିଲେ । ସେହିଭଳି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଏକ୍ସ'ରେ ଏହାକୁ ସମାଲୋଚନା କରିଥିଲେ । ସମ୍ବିତ ଏନେଇ ସ୍ପଷ୍ଟୀକରଣ ରଖିବା ସହ କ୍ଷମାପ୍ରାର୍ଥନା କରିଛନ୍ତି । ସେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ହେଉଛନ୍ତି ପ୍ରଧାନମନ୍ତ୍ରୀ । ସେ ମହାପ୍ରଭୁଙ୍କୁ ବହୁତ ମାନନ୍ତି । ପ୍ରଧାନମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରି ଆର୍ଶୀବାଦ ଲୋଡ଼ିଛନ୍ତି । ଏହି ବିଷୟରେ ଉପସ୍ଥାପନ କରିବାକୁ ଯାଇ ଗୋଟିଏ ନ୍ୟୁଜ ଚ୍ୟାନେଲରେ ଭୁଲରେ ଓଲଟା କହିଦେଇଥିଲି । ଜଗନ୍ନାଥ ମୋଦିଙ୍କ ଭକ୍ତ ବୋଲି ମୁଁ କହି ଦେଇଥିଲି । ଏହା ବହୁତ ବଡ଼ ଭୁଲ୍ ମୁଁ ଜାଣିଛି । କିନ୍ତୁ ଅଜଣାତରେ ମୁଁ କହିଦେଇଥିଲି, ମୋର ହୃଦୟ ଭିତରେ ସେମିତି କିଛି ନ ଥିଲା । ଏଥିପାଇଁ ମୁଁ କ୍ଷମା ମାଗୁଛି । ଅଜଣାତରେ ବି ମହାପ୍ରଭୁଙ୍କୁ ବିଷୟରେ ଏପରି କହିବା ଠିକ୍ ନୁହେଁ । କିନ୍ତୁ ଅଜଣାତରେ ଏକ ବାକ୍ୟ ବାହାରି ଯାଇଛି, ସେଥିପାଇଁ ମୁଁ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ତାଙ୍କ ଚରଣ ତଳେ କ୍ଷମାପ୍ରାର୍ଥନା କରୁଛି । ମୁଁ ଏଥିପାଇଁ ୩ ଦିନ ଉପବାସ ରହି ପଶ୍ଚାତାପ କରିବି ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ...

ବୁଥକୁ ଚିହ୍ନଟ କରାଯାଇଛି । ୫୨୫ ବୁଥର କରାଯିବ ୱେବ କାଷ୍ଟିଂ । ୧୫ଟି ଫ୍ଲାଇଂ ସ୍କ୍ୱାଡ୍, ୧୫ ଷ୍ଟାଟିଷ୍ଟିକ୍ ସର୍ଭେଲାନ୍ସ ଟିମ ୨୪ ଘଣ୍ଟିଆ ପାଇଁତରା ମାରୁଛନ୍ତି । ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ଭାବରେ ସଖି ବୁଥ ହୋଇଥିବାରୁ କମିଶନରେଟ ପୁଲିସ, ଜିଲ୍ଲା ପୁଲିସ ସମେତ ୧୨ କମ୍ପାନୀ ସିଏପିଏଫ୍ ମୁତୟନ ରହିବେ । ୨୩ ତାରିଖ ସନ୍ଧ୍ୟାରେ ପ୍ରଚାର ଥମିବା ପରେ ଯାଞ୍ଚକୁ ଆହୁରି କଡାକଡି କରାଯିବ । ନାଇଟ ପେଟ୍ରୋଲିଂ, ନାକା ସହର ସାରା ଲାଗିଥିବା ବେଳେ ଭୁବନେଶ୍ୱରର ପ୍ରବେଶ ପଥକୁ ସଶସ୍ତ୍ର ପୁଲିସ ବାହିନୀ ଜଗି ରହିଛନ୍ତି ବୋଲି ପୁଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି ।

## ବଜ୍ରାଘାତରେ ....

ଉକ୍ତ ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା । ତେବେ ସାଲାଇ ଏକ ଆମ୍ବ ଗଛ ମୂଳେ ରହିଯାଇଥିଲେ । ପରେ ସେ ବଜ୍ରାଘାତର ଶିକାର ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏହି ଖବର ଜଣାପଡ଼ିବା ପରେ ପରିବାର ଲୋକ ଘଟଣା ସ୍ଥଳକୁ ଯାଇଥିଲେ । ସେଠାରୁ ସାଲାଇଙ୍କ ମୃତଦେହକୁ ଉଦ୍ଧାର କରି ମେଡିକାଲକୁ ନେଥିଲେ । ଏନେଇ ଟିକିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ପରିବାରଲୋକ । ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ମନୀଷ ସିସୋଦିଆଙ୍କ....

ସେ ପୁଣି ଜେଲକୁ ଫେରିବେ । ଅନ୍ୟପକ୍ଷରେ ସିସୋଦିଆ ଜେଲରୁ ଖଲାସ ହେବାକୁ ଦିଲ୍ଲୀ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି । ମନି ଲଣ୍ଡରିଂ କେସ୍ ଓ ଦୁର୍ନୀତି ମାମଲାରେ ସେ ଜାମିନ ପାଇଁ ଅନୁରୋଧ କରିଛନ୍ତି । ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣ କାନ୍ତା ଶର୍ମା ଆଜି ୫ଟା ବେଳେ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ରାୟ ପ୍ରକାଶ କରିପାରନ୍ତି । ମେ' ୧୪ରେ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟ ସବୁ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ । ଏହାପରେ ରାୟକୁ ସଂରକ୍ଷିତ ରଖାଯାଇଥିଲା ।

## ରହସ୍ୟ ଘେରରେ ଇରାନ .....

ଇବ୍ରାହିମଙ୍କ ଖାମେନିଙ୍କ ଉତ୍ତରାଧିକାରୀ କୁହାଯାଉଥିଲା । ତେବେ ତାଙ୍କ ମୃତ୍ୟୁ ପରେ ମୋଜତାବାଙ୍କ ରାସ୍ତା ସଫା ହୋଇଥିବା ଇରାନରେ ଏବେ ଚର୍ଚ୍ଚା ହେଉଛି । ଇରାନ ଗଣମାଧ୍ୟରେ ଚର୍ଚ୍ଚା ହେଉଛି ବାପାଙ୍କ ଗାଦିରେ ବସିବାକୁ ଇଚ୍ଛା ରଖିଛନ୍ତି ମୋଜତାବା । ଇବ୍ରାହିମ ରଇସି ଉତ୍ତରାଧିକାରୀ ଥିବାରୁ ଏହାକୁ ପସନ୍ଦ କରୁନଥିଲେ । ତେଣୁ ଦୁର୍ଘଟଣା ଥିଓରୀ ପଛରେ ତାଙ୍କ ହାତ ଥାଇପାରେ । ତଥାପି ମୋଜତାବାଙ୍କ ପାଇଁ ସର୍ବୋଚ୍ଚ ନେତା ହେବା ଏତେ ସହଜ ନୁହେଁ । ଇରାନ ସମ୍ବିଧାନିକ ପ୍ରତିବନ୍ଧକ ରହିଛି । ହେଲିକପ୍ଟର ଦୁର୍ଘଟଣାର ଯାଂଚ ପାଇଁ ଇରାନ ସରକାର କିମିଟି ଗଠନ କରିଛନ୍ତି । ସଶସ୍ତ୍ର ବଳର ମୁଖ୍ୟ ଜେନେରାଲ ବଘେରୀ ଏହାର ଯାଂଚ ନିର୍ଦ୍ଦେଶ ଦେଇଛନ୍ତି । ବ୍ରିଗେଡିୟର ଅଲ୍ଲୀ ଅବ୍ଦୁଲ୍ଲାହୀଙ୍କ ନେତୃତ୍ୱରେ ଦୁର୍ଘଟଣା ସ୍ଥଳରେ ଆରମ୍ଭ ହୋଇଛି ତଦନ୍ତ । ସେପଟେ ଇରାନରେ ରାଜନୈତିକ ଅସ୍ଥିରତା ଦେଖାଯିବା ଭୟରେ ଉପରାଷ୍ଟ୍ରପତି ମହମ୍ମଦ ମୋଖବେରଙ୍କୁ କାମଚଳା ରାଷ୍ଟ୍ରପତି ଦାୟିତ୍ୱ ଦିଆ ଯାଇଛି । ୫୦ଦିନ ଭିତରେ ନିର୍ବାଚନ କରାଯାଇ ନୂଆ ରାଷ୍ଟ୍ରପତିଙ୍କୁ ବାଛିବ ଇରାନ । ଇରାନ ରାଷ୍ଟ୍ରପତିଙ୍କ ମୃତ୍ୟୁ କେବଳ ଇରାନ ଉପରେ ପ୍ରଭାବ ପକାଇନି ବଂର ସାରା ବିଶ୍ୱକୁ ପ୍ରଭାବିତ କରିପାରେ । ଆଶଙ୍କା କରାଯାଉଛି ସୁନା, ତେଲ ଦର ବୃଦ୍ଧି ହୋଇପାରେ । ମୃତ୍ୟୁ ଖବର ପରେ ଦେଶରେ ଦର ବୃଦ୍ଧି ହୋଇସରିଲାଣି । ସାରା ବିଶ୍ୱରେ ତେଲ ଉତ୍ପାଦନ କ୍ଷେତ୍ରରେ ଇରାନ ସବୁଠୁ ବଡ ଦେଶ ।

## ଦଳୀୟ ନେତାଙ୍କ ବିରୋଧରେ...

ଯିବାକୁ ଅନୁରୋଧ କରିଥିଲେ । ଯାହାର କିଛି ଦିନ ଭିତରେ ହିଁ ଦଳ ହଜାରିବାଗ ପାଇଁ ମନିଷ ଜୟଶୱାଲଙ୍କୁ ପ୍ରାର୍ଥୀ ଭାବେ ବାଛିଥିଲା । ସେହିଦିନରୁ ଜୟନ୍ତ ଦଳର ସାଂଗଠନିକ ଏବଂ ଦଳୀୟ ପ୍ରଚାର କାର୍ଯକ୍ରମକରୁ ନିଜକୁ ଦୂରେଇ ରଖିଥିଲେ । ଏପରିକି ମେ ୨୦ ତାରିଖ ଦିନ ଭୋଟ ଦେବାକୁ ମଧ୍ୟ ପହଁଚିନଥିଲେ । ଏଥିରେ ଆପତି ପ୍ରକାଶ କରି ଦଳ ଏବେ ଜୟନ୍ତଙ୍କଠୁ ଜବାବ ମାଗିଛି । ପୂର୍ବତନ ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନାଙ୍କ ପୁଅ ଜୟନ୍ତ ଆଇଆଇଟି ଦିଲ୍ଲୀରୁ ପାଠ ଶେଷ କରି ହାୱାଡା ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ରାଜନୀତିରେ ପାଦ ଦେଇ କମ ଦିନରେ ମୋଦୀ ମନ୍ତ୍ରୀମଣ୍ଡଳରେ ସ୍ଥାନ ବନେଇପାରିଥିଲେ । ଏପରିକି ଯଶବନ୍ତ ସିହ୍ନା ଓ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମନୋମାଳିନ୍ୟ ଜୟନ୍ତଙ୍କ ପଦବୀକୁ କୌଣସି ପ୍ରଭାବ ପକାଇନଥିଲା । ତେବେ ନିର୍ବାଚନ ନଲଢ଼ିବାକୁ ଜୟନ୍ତ ମନସ୍ଥ କରିବା ପରେ ବାପା ଯଶୱନ୍ତ ସିହ୍ନାଙ୍କୁ ହଜାରିବାଗ ପାଇଁ କଂଗ୍ରେସ ଟିକେଟ ଦେବ ବୋଲି ଚର୍ଚ୍ଚା ହେଉଥିଲେ କୌଣସି କାରଣରୁ କାର୍ଯ୍ୟକାରୀ ହୋଇପାରିନଥିଲା । ବର୍ତମାନ ଜୟନ୍ତଙ୍କ ବିରୋଧରେ ବିଜେପିର କଡ଼ା ଆଭିମୁଖ୍ୟ ଗ୍ରହଣ ଚର୍ଚ୍ଚାର ବିଷୟ ପାଲଟିଛି ।

## ଆପକୁ ବିଦେଶୀ ପାଣ୍ଠି ଅଡୁଆ...

ବିଜେପିର ହାତ ରହିଛି ଓ ନିର୍ବାଚନ ସମୟରେ ଦଳକୁ ସମସ୍ୟାରେ ପକାଇବାକୁ ଇଡିର ଦୁବ୍ୟହାର କରାଯାଉଥିବା ଆପ ଅଭିଯୋଗ କରିଛି । ଇଡିର ତଦନ୍ତ ଓ ଆପର ପ୍ରତିକ୍ରିୟା ଉପରେ ଜବାବ ରଖିଛି ବିଜେପି । ଆପ ସରକାର ଦୁର୍ନୀତିଗ୍ରସ୍ତ ଦଳ ବୋଲି କହିଛି ବିଜେପି । ସେପଟେ ନିର୍ବାଚନ ସମୟରେ ଇଡିର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ । ନିକଟରେ ଗୃହମନ୍ତ୍ରାଳୟକୁ ଏକ ଚିଠି ଲେଖି ଆପର ପାଣ୍ଠି ସମ୍ବନ୍ଧରେ ଖୋଲତାଡ କରିବାକୁ ସିପାରିଶ କରିଥିଲେ ଉପରାଜ୍ୟପାଳ ବିନୟ ସକସେନା । ବିଦେଶରୁ ଦଳକୁ ବେଆଇନ ପାଣ୍ଠି ମିଳୁଥିବା ସେ ଅଭିଯୋଗ କରିଥିଲେ । ଖଲିସ୍ତାନୀ ଆତଙ୍କୀ ସଂଗଠନ ଶିଖ ଫର ଜଷ୍ଟିସ ଆପ କୋଟି କୋଟି ଟଙ୍କାର ଚାନ୍ଦା ନେଇଥିବା ଅଭିଯୋଗ ଆଣି ତଦନ୍ତ ପାଇଁ ସିପାରିଶ କରିଥିଲେ । ଏବେ ଇଡିର ରିପୋର୍ଟ ଉପରେ ସରକାରଙ୍କ ଆଗାମୀ ପଦଟେପ କ'ଣ ରହୁଛି ଏହା ଉପରେ ନଜର ।

## ବୁରୁଦି ଗ୍ରାମରେ ୬୦ ପରିବାର ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି

ମାଲକାନଗିରି, ୨୧/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକି ଗ୍ରାମପଂଚାୟତର ବୁରୁଦି ଗ୍ରାମରେ ଦେଖାଦେଇଛି ପିଇବା ପାଣିର ଘୋର ସଙ୍କଟ । ଗାଁରେ ପ୍ରାୟ ୬୦ ରୁ ଉର୍ଦ୍ଧ ପରିବାର ବସବାସ କରୁଥିବା ବେଳେ ଗ୍ରାମର ମୋଟ ଜନସଂଖ୍ୟା ୩ ଶହରୁ ଉର୍ଦ୍ଧ୍ୱ ରହିଛି । ଗାଁରେ ମୁଖ୍ୟ ସମସ୍ୟା ରହିଛି ପାନୀୟ ଜଳ, ସମୁଦାୟ ୩ଟି ନଳକୂପ ଗ୍ରାମରେ ରହିଥିଲେ ମଧ୍ୟ ଗୋଟିଏ ମାତ୍ର କାର୍ଯ୍ୟକ୍ଷମ ରହିଛି, ତାହା ମଧ୍ୟ ଗୋଟିଏ ହାଣ୍ଡି ପାଣି ବାହାରିଲା ପରେ ପୁଣି ୧୫ ରୁ ୨୦ ମିନିଟ ଜଗିବା । ପରେ ହିଁ ପୁଣି ପାଣି ବାହାରିଥାଏ । ଫଳରେ ପିଇବା ପାଣିକୁ ନେଇ ଗାଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଥିବା କାରଣରୁ ସକାଳ ପାହିଲେ ନଳକୂପ ନିକଟରେ ମହିଳାମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳେ । ଏନେଇ ବାରମ୍ବାର ସ୍ଥାନୀୟ ସରପଂଚ ତଥା ବ୍ଲକର ଦ୍ୱାରସ୍ଥ ହେଲେ ମଧ୍ୟ କାହାରି ନଜର ପଡୁନାହିଁ ।

ବୁଧବାର, ମଇ ୨୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଧାୟକ ପ୍ରାର୍ଥୀମାନଙ୍କ ସହିତ ଉପଜିଲ୍ଲାପାଳ କଲେ ଆଲୋଚନା

ଉଦଳା , ୨୧/୫ (ନି.ପ୍ର): ଆଗାମି ସାଧାରଣ ନିର୍ବାଚନ - ୨୦୨୪ ପରିପ୍ରେକ୍ଷିରେ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ମଧ୍ୟରେ ରଣାଙ୍ଗନରେ ଅବତିର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କ ସହିତ ରିଟର୍ଣ୍ଣ ଅଧିକାରୀ ତଥା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଖୋଲା ଆଲୋଚନା କରିଥିବାର ଜଣାଯାଇଛି । ଉକ୍ତ ଆଲୋଚନା ଉପଜିଲ୍ଲାପାଳଙ୍କ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଚଳିତ ମଇ ୧୮ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ସହ ଏଥିପାଇଁ ଥିବା ଆଚରଣ ବିଧି ପାଳନ ପୂର୍ବକ ସମସ୍ତ କାର୍ଯ୍ୟକରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାପରେ ପ୍ରାର୍ଥୀ ମାନଙ୍କୁ ପରିଚୟପତ୍ର ଓ ନିର୍ବାଚନ ପାଇଁ ଆବଶ୍ୟକ ଥିବା ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡ଼େପୁଟି କଲେକ୍ଟର ପ୍ରତୀକ ପଣ୍ଡା, ସହକାରୀ ଜିଲ୍ଲାପାଳ ସୁବ୍ରତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ ।



# ରେଲୱେ ସମ୍ପ୍ରସାରଣ ଓ ଔଷଧୀୟ ଶିଳ୍ପ ପ୍ରତିଷ୍ଠା ଦାବିରେ ଖୋଲାମଞ୍ଚ ଅନୁଷ୍ଠିତ

ନୀଳଗିରି , ୨୧/୫ (ନି.ପ୍ର): ନୀଳଗିରି ଉପଖଣ୍ଡ ପିଠାହଟା ପଞ୍ଚାୟତ ଯାମୁନା ଛକ ଠାରେ ରେଲୱେ ଉପଭୋକ୍ତା ସମିତି ପକ୍ଷରୁ ରବିବାର ଏକ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଗୋପିନାଥ ରେଳଷ୍ଟେସନ ଠାରୁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଦେଇ ଉଦଳାକୁ ଉକ୍ତ ରେଳପଥ ସମ୍ପ୍ରସାରଣ ସହିତ ଶିମିଳିପାଳ ଅଭୟାରଣ୍ୟ ଓ କୁଳଡିହା ଅଭୟାରଣ୍ୟରେ ବିଭିନ୍ନ ଔଷଧୀୟ ବୃକ୍ଷର ଚେର, ଫୁଲ, ଫଳ, ପତ୍ର ଆଦିକୁ ନେଇ କାରଖାନା ପ୍ରତିଷ୍ଠା କରି ଶିକ୍ଷିତ ବେକାର ଯୁବକ ଯୁବତୀ ତଥା ଅଞ୍ଚଳବାସୀଙ୍କୁ ସ୍ୱରୋଜଗାର କରିବା ଲକ୍ଷ୍ୟ ନେଇ ଏହି ଖୋଲାମଞ୍ଚ ଆୟୋଜନ କରାଯାଇଥିଲା। ଉକ୍ତ ମଞ୍ଚରେ ଯୋଗଦେଇ ନିଜର ମତ ରଖିବା ପାଇଁ ଉଭୟ ମୟୂରଭଞ୍ଜ ଏବଂ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଏବଂ ନୀଳଗିରି ଓ ଉଦଳା ବିଧାନସଭା କ୍ଷେତ୍ରର ପ୍ରାର୍ଥୀମାନେ ସହମତି ପ୍ରକାଶ କରିଥିଲେ। ମାତ୍ର ନୀଳଗିରି ସିପିଆଇ ପ୍ରାର୍ଥୀ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ସମୃଦ୍ଧ ଓଡିଶା ପ୍ରାର୍ଥୀ ଅରୁଣ କୁମାର ବାରିକ ଏବଂ ବାଲେଶ୍ୱର ଲୋକସଭା ଆସନର ଅପନା ପାର୍ଟିର ପ୍ରାର୍ଥୀ ଗୋବିନ୍ଦ ଭୋଇ ଯୋଗଦେଇ ରେଲୱେ ଉପଭୋକ୍ତା ସମିତି ନେଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଦିଗରେ ସହଯୋଗ କରିବାକୁ ମତ ରଖିଥିଲେ। ଏଥିସହିତ ପ୍ରାକୃତିକ ସମ୍ପଦଭରା ଉଭୟ ଜିଲ୍ଲାରେ କିଭଳି ବିକାଶ ହୋଇପାରିବ ସେ ଦିଗରେ ସମିତିର ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ପ୍ରେସ୍ କ୍ଲବ୍ ର ସଭାପତି ଅରୁଣ ହୋତା, ଶୁଭେନ୍ଦୁ କୁମାର ରାଉତରାୟ, ସନାତନ ମହାନ୍ତି, ଅଶୋକ ଜେନା, ପ୍ରମୁଖ ସାମିଲ ଥିବା ବେଳେ ରେଲୱେ ଉପଭୋକ୍ତା ସମିତିର ସଭାପତି ଅର୍ଜୁନ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଅମରେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନମୋହନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ବିଜେପି ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ




ବାସୁଦେବପୁର, ୨୧/୫ (ନି.ପ୍ର): ବିନାୟକପୁର ପଞ୍ଚାୟତରେ ଆଜି ବିଜେପି ପକ୍ଷରୁ ସାଧାରଣ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ବିଧାନ ସଭା ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ଭରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସଫଳ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ବୁଝାଇ ଥିଲେ । ଏଥି ସହିତ ପଦ୍ମ ଫୁଲ ଚିହ୍ନରେ ବିଧାନ ସଭା ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ଓ ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏଥି ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ ରାଜ୍ୟ ସମ୍ପାଦକ ମାନସ ସାହୁ, ବେତଡ଼ା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ବିନାୟକପୂର୍ ପଞ୍ଚାୟତ ପ୍ରଭାରୀ ପ୍ରବାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ମହିଳା ଓ ଜନ ସାଧାରଣ ଯୋଗ ଦେଇଥିଲେ।

# ବିଜେପିର ବିଶାଳ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ




ବାଲିଆପାଳ ୨୧/୫(ନି ପ୍ର): ବାଲିଆପାଳ ନୂଆ ବସ୍ ଷ୍ଟାଣ୍ଡ ନିକଟ ପଡ଼ିଆରେ ଭାରତୀୟ ଜନତା ପାର୍ଟିର ବିଶାଳ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ମଙ୍ଗଳ ବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ଜୟ ଲକ୍ଷ୍ମୀ ଅଣ୍ଡିଆ, ଦଳୀୟ ନେତା ପ୍ରଦୀପ କୁମାର ପଣ୍ଡା,ଅଜୟ କୁମାର ସାହୁ, ଶ୍ୟାମା ପ୍ରସାଦ ବେହେରା, ଶିବଶଙ୍କର ପ୍ରଧାନ, ସଂଜୀବ କୁମାର ପାଢ଼ୀ, ରବୀନ୍ଦ୍ର କୁମାର ଜୈନ, ଲୟୋଦର ମାହାନା, ସୁକାନ୍ତ ବାନାର୍ଜୀ, ସିନେ ଅଭିନେତ୍ରୀ ଛନ୍ଦିତା ପାଢ଼ୀ , ଅନନ୍ତ ବିଶ୍ୱାଳ,ଅଞ୍ଜନ ଗିରି, ସୁଶୀଳ ପ୍ରଧାନ, ମହେଶ୍ୱର ଜେନା , ବିକାଶ ଚନ୍ଦ୍ର ଗିରି, ପଙ୍କଜିନୀ ମହାପାତ୍ର, ମାଳତୀ ନାୟକ , ଗୀତା ରାଣୀ ମାହାନା, ଅରବିନ୍ଦ ବେହେରା , ସୁବଳ ଚନ୍ଦ୍ର ଦାସ ପ୍ରମୁଖ ମୋଦୀ ସରକାରଙ୍କ ଗ୍ୟାରେଣ୍ଟି ଓ ନବୀନ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପର୍ଶୁରାମ ପରିଡ଼ା ସଭା ପରିଚାଳନା କରିଥଲେ। ଯୁବ ନେତା ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଶେଷ ସୂଚନା ଏହି କି ସ୍ଥାନୀୟ ପୁଲିସ ସିନେ ତାରକା ତଥା ରାଜ ନେତା ଅନୁଭବ ମହାନ୍ତି ଙ୍କୁ ସୁରକ୍ଷା ଦବାକୁ ମନା କରି ଦେବାରୁ ତାଙ୍କ ହେଲିକେପ୍ଟର ସଭା ସ୍ଥଳ ରେ ଅବତରଣ କରି ପାରି ନ ଥିଲା।ଫଳରେ ଅନୁଭବ ମହାନ୍ତି, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସଭାରେ ଭାଷଣ ଦେଇ ନ ପାରି ଫେରିଯାଇ ଥିଲେ।

## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୪ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୧/୫ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୪ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୦ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି ।

# ସମ୍ବିତଙ୍କ ପ୍ରାର୍ଥୀପତ୍ର ନାକଚ ପାଇଁ ଖଇରା କଂଗ୍ରେସର ଦାବି




ଖଇରା, ୨୧/୫ (ନି.ପ୍ର): ଓଡିଆଙ୍କର ଆରାଧ୍ୟ,ପରିଚୟ ଓ ଅସ୍ମିତା ପ୍ରଭୁଶ୍ରୀ ଜଗନ୍ନାଥ ଙ୍କୁ ନିର୍ବାଚନୀ ସଭାରେ ଅପମାନିତ କରିଥିବା ପୁରୀ ଏମପି ପ୍ରାର୍ଥୀ ସମ୍ବିତ ପାତ୍ର ଜଗନ୍ନାଥଙ୍କ ଉପରେ ଟିପ୍ପଣିକୁ ନେଇ ତିବ୍ର ପ୍ରତିକ୍ରିୟା ରଖିଛି ଖଇରା କଂଗ୍ରେସ ।ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ପ୍ରାର୍ଥୀପତ୍ରକୁ ନାକଚ କରାଯିବାକୁ ସିମୁଳିଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଦାବି କରିଛନ୍ତି । ଉକ୍ତ ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ,ବରିଷ୍ଠ ନେତ୍ରୀ ମଧୁମିତା ସେଠୀ,ବରିଷ୍ଠ ନେତା ରାମଚନ୍ଦ୍ର ଶତପଥି, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଗତ ୧୯ତାରିଖରେ ପୁରୀରେ ଆୟୋଜିତ ନିର୍ବାଚନୀ ସଭାରେ ପ୍ରାର୍ଥୀ ଶ୍ରୀପାତ୍ର ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହିବା ପରେ ସାରା ଓଡିଶାରେ ପ୍ରତିବାଦର ସ୍ୱର ଦେଖାଦେଇଛି ।

## ସମ୍ବିତ ପାତ୍ରଙ୍କୁ ଦଳରୁ ବହିଷ୍କାର କରନ୍ତୁ ପ୍ରଧାନମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର, ୨୧/୫ (ନି.ପ୍ର): କଂଗ୍ରେସ ପ୍ରବକ୍ତା ପବନ ଖେଡା ପୁରୀରୁ ବିଜେପିର ଲୋକସଭା ପ୍ରାର୍ଥୀ ଡ. ସମ୍ବିତ ପାତ୍ରଙ୍କୁ ଦଳରୁ ବହିଷ୍କାର କରିବାକୁ ଦାବି କରିଛନ୍ତି ।

ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ଯଦି ସମ୍ବିତ ପାତ୍ର କଂଗ୍ରେସ ପାର୍ଟିରେ ଥାଆନ୍ତେ ତେବେ ଭଗବାନ ଜଗନ୍ନାଥଙ୍କ କୋଟି କୋଟି ଭକ୍ତ ମାନଙ୍କର ଆସ୍ଥା ସହ କୁଠାରାଘାତ କରିଥିବା କାରଣକୁ ତାଙ୍କୁ ପାର୍ଟିରୁ ସଙ୍ଗେ ସଙ୍ଗେ ବାହାର କରି ଦିଆଯାଇଥାନ୍ତା । ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଟିକେ ସାହସ ଦେଖାଇ ତାଙ୍କୁ ବିଜେପିରୁ ବହିଷ୍କାର କରନ୍ତୁ ଓ ସୃଷ୍ଟିର ରଚୟିତା ଭଗବାନ ଜଗନ୍ନାଥଙ୍କ କୋଟି କୋଟି ଭକ୍ତ ମାନଙ୍କ ଠାରୁ ନିଜେ କ୍ଷମା ପ୍ରାର୍ଥନା କରନ୍ତୁ ।

# ବର୍ଜ୍ୟବସ୍ତୁ ପରିଚ୍ଳଳନା କର୍ମଶାଳା




ଭଦ୍ରକ, ୨୧/୫ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ "ବର୍ଜ୍ୟବସ୍ତୁ ସଂରକ୍ଷଣ ଓ ପରିଚ୍ଳଳନା ବିଷୟରେ ଏକ ଆଲୋଚନା କାର୍ଯ୍ୟଶାଳା ଓଡ଼ିଶା ଗାନ୍ଧୀବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରିମଳ ବିଶେଷଜ୍ଞ ଆଶିଷ କୁମାର ମହାପାତ୍ର ଓ ଆଇନ ସେବା ପ୍ରାଧିକରଣର ଆଇନ ସହାୟକ ତଥା ଜନ ଅଭିରକ୍ଷକ ସଦସ୍ୟ ଡ. ତାପସି କୁମାର ମହାନ୍ତି ତଥା ଓଡ଼ିଶା ଗାନ୍ଧୀ ବାଳାଶ୍ରମର ସମ୍ପାଦକ ତଥା ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ବର୍ଜ୍ୟବସ୍ତୁ କଠିନ ଅଳିଆ ଆବର୍ଜନା ତଥା ବୈଦ୍ୟୁତିକ ଆବର୍ଜନାକୁ ସଂଗ୍ରହ ପରିଚ୍ଳଳନା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ପିଲାମାନଙ୍କୁ ତଥା କର୍ମଚ୍ଚରୀ ମାନଙ୍କୁ ବିଭିନ୍ନ କୌଶଳ ଓ ସଂରକ୍ଷଣରେ ନମୂନା ପ୍ରଦର୍ଶନ କରାଇଥିଲେ। ଶେଷରେ ଛୋଟ ଛୋଟ ପିଲାମାନେ ସଙ୍ଗୀତ ଗାୟନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ପରିମଳ ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା, ଜିଲ୍ଲା ଆଇନ ପ୍ରାଧିକରଣ କର୍ମକର୍ତ୍ତାମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।

# ସାନଖୁଡିରେ ବିଜୁ ଜନତାଦଳର କର୍ମୀ ସମ୍ମିଳନୀ



ବସ୍ତା , ୨୧/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ମଥାନୀ ପଞ୍ଚାୟତ ରେ ବିଜେଡି ପକ୍ଷରୁ ଆଜି କ୍ରର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ମଙ୍ଗଳବାର ଦିନ ୧୨ଟା ସମୟରେ ସାନଖୁଡି ଗ୍ରାମର ପ୍ରଫୁଲ୍ଲ ଗିରିଙ୍କ ବାସଭବନରେ ବିଜୁ ଜନତାଦଳର ପକ୍ଷରୁ ବିଧାୟକା ପ୍ରାର୍ଥୀନୀ ସୁବିସୀନି ଜେନା ଯୋଗ ଦେଇଥିଲେ । ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ଆସନ୍ତା ସାଧାରଣ ନିର୍ବାଚନ ରେ ଉଭୟ ପ୍ରାର୍ଥୀ ଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେବାକୁ ନିବେଦନ କରିଥିଲେ। ତ ତ୍ ସହିତ ୨୦୨୪ରେ ପୁଣି ଥରେ ନବୀନ ପଟ୍ଟନାୟକ ଙ୍କୁ ରାଜ୍ଯ ରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ ! ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜେନା କର୍ମୀ ମାନଙ୍କ ଭିତରେ ମତଭେଦକୁ ଦୂରୀଭୂତ କରି ଆଗାମୀ ନିର୍ବାଚନରେ ଦଳ କିଭଳି ବିଜୟ ଲାଭ କରିବ ସେ ନେଇ ରଣନୀତି ପ୍ରସ୍ତୁତ କରିବାକୁ କର୍ମୀଙ୍କୁ ବୁଝାଇଥିଲେ। ତେବେ ଏହି ସଭାରେ୨ହଜାର ଲୋକଙ୍କ ବ୍ଯବସ୍ଥା ହୋଇଥିବା ବେଳେ ମାତ୍ର ୬ଶହ ଲୋକ ରୁଣ୍ଡ ହୋଇଥିଲେ ।ତେବେ ପ୍ରତ୍ଯେକ ପଞ୍ଚାୟତରେ ଗୋଷ୍ଠି କନ୍ଦଳ ଅସନ୍ତୋଷ କର୍ମୀ ମାନଙ୍କ ମଧ୍ଯରେରହିଥିବା ବେଳେ ସାଧାରଣ ଭୋଟର ପଞ୍ଚାୟତ ନେତା ଙ୍କ କଥାରେ ଆଉ ପ୍ରଲୋଭନ ହେବେନାହିଁ ବୋଲି ଜନ ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ତେବେ ଆଜିର ଏହି ସଭାରେ ପଞ୍ଚାୟତ ସଭାପତି ଦେବେନ୍ଦ୍ର ବେହେରା ଙ୍କ ତତ୍ୱାବଧାନରେ ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟା ଦେବିକା ସୋରେନ,ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି , ପୂର୍ବତନ ବସ୍ତା ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଜିଲ୍ଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ମଥାନୀ ସରପଞ୍ଚ ମମତା ରାଣୀ ସିଟ୍, ସମିତି ସଭ୍ୟ ସୁନା ରାମ ମୁର୍ମୁ , ପୂର୍ବତନ ଜିଲ୍ଲା ପରିଷଦ ମହାଦେବ ଦାସ , କୃଷକ ସେଲର ସଭାପତି ଅଜୟ କୁମାର ସାମଲ, ପୂର୍ବତନ ସରପଞ୍ଚ ରାଧାଶ୍ଯାମ ମହାଳିକ, ବ୍ଲକ ସମ୍ପାଦକ ରାଜକିଶୋର ବେହେରା ,ଅମର ଗିରି, ଅଖିଳ ବେହେରା, ଗୋକୁଳ ଚନ୍ଦ୍ର ଜେନା, ପ୍ରସାନ୍ତ ମଲ୍ଲିକ, ହରିଶ୍ଚନ୍ଦ୍ର ବେହେରା, ରାଜା ପ୍ରଧାନ. ସହିତ ବିଜୁ ଜନତାଦଳର କ୍ରର୍ମୀ ଓ ମହିଳା ଉପସ୍ଥିତ ରହି ଭୋଜି ଖାଇ ଘରକୁ ଫେରିଥିଲେ ।

# ଗାଡି ଚେକିଂ ବେଳେ ଧରାପଡ଼ିଲା ୬୦୦ଗ୍ରାମ ସୁନା

ନୀଳଗିରି , ୨୧/୫ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ମିତ୍ରପୁର ଅଞ୍ଚଳରେ ଉଭୟ ପୋଲିସ ଏବଂ ଏସଏସଟି ଟିମର ମିଳିତ ଯାଞ୍ଚ ଚାଲିଥିବା ବେଳେ ଏକ ସୁଇଫ୍ଟ ଡିଜାୟର କାରରୁ ୬୦୦ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରାଯାଇଛି। ତେବେ ସୁନା ଗହଣା ନେଇ ଯାଉଥିବା ବେପାରୀ ଜଣକ ଜିଏସଟି ସମେତ ଅନ୍ୟାନ୍ୟ କାଗଜ ପତ୍ର ଦେଖାଇ ପାରିନଥିଲେ। ଏଣୁ କାର ସହିତ ଦୁଇଜଣକୁ ଅଟକ ରଖି ନୀଳଗିରି ଥାନାକୁ ଅଣାଯାଇ ଅଧିକ ଯାଞ୍ଚ ଚାଲିଛି। ବାଲେଶ୍ୱରରୁ ସିଟିଓ ଓ ଜିଏସଟି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବା ସୂଚନା ମିଳିଥିବା ବେଳେ ସୁନା ଗହଣାର ମୂଲ୍ୟ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ନୀଳଗିରିରେ ବିଜେପିର ବିଶାଳ ମହିଳା ସମାବେଶ



ନୀଳଗିରି, ୨୧/୫ (ନି.ପ୍ର): ନୀଳଗିରି ବିଜେପି ପକ୍ଷରୁ ଏକ ବିଶାଳ ମହିଳା ସମାବେଶ କେ.ସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପିର ରାଜ୍ୟସ୍ତରୀୟ ନେତା ତଥା ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ଓ କେନ୍ଦ୍ରାପଡ଼ା ସାଂସଦ ତଥା ଓଡ଼ିଆ ସିନେ ସୁପରଷ୍ଟାର ଅନୁଭବ ମହାନ୍ତି ଏହି ବିଶାଳ ମହିଳା ସମାବେଶକୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ନୀଳଗିରିର ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତ ରହି ବିଜେଡ଼ି ସରକାରଙ୍କ ସମୟରେ ମହିଳା ଅସୁରକ୍ଷିତ ଅଛନ୍ତି ଏବଂ ରାଜ୍ୟ ସରକାର ଦୁର୍ନୀତି ଗ୍ରସ୍ତ ସରକାର ଅଟେ। ଏଠାରେ ନିର୍ବାଚିତ ପ୍ରତିନିଧି ମାନେ ଅସହାୟ ଅଟନ୍ତି। ଏଠି ବ୍ୟୁରୋକ୍ରେଟ ଶାସନ ଚାଲିଥିବା ବେଳେ ଏକ ସମୃଦ୍ଧ ଓଡିଶା ଗଠନ କରିବାକୁ ହେଲେ ଯଶଶ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତରେ ସାମିଲ ହେବାକୁ ପଡିବ ବୋଲି ମଞ୍ଚରେ ଉପସ୍ଥିତ ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ।ଏହି ସମାବେଶରେ ବିଜେଡିର ପଚିଶବର୍ଷର କୁଶାସନ ଏବଂ ବର୍ତ୍ତମାନ ବିଜେଡ଼ିର ମଙ୍ଗ ଧରିଥିବା କଳାପାହାଡ଼ର ଅତ୍ୟାଚାରିତ ଶାସନକୁ ଗାଦିଚ୍ୟୁତ କରିବା ସହିତ ଆଗାମୀ ନିର୍ବାଚନରେ ଓଡିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ସମାବେଶରେ ଉପସ୍ଥିତ ପନ୍ଦରହଜାରରୁ ଉର୍ଦ୍ଧ ମହିଳା କର୍ମୀ ଓ ନେତାଙ୍କୁ ଆହ୍ୱାନ ଦେବା ସହିତ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଭାବେ ସନ୍ତୋଷ ଖଟୁଆଙ୍କୁ ଦୁଇଟି ପଦ୍ମଫୁଲ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ସଭାମଞ୍ଚରେ ଥିବା ସମୟ ରେ ସନ୍ତୋଷ ଖଟୁଆଙ୍କ ଭାବବିହ୍ୱଳ ଅଭିଭାଷଣରେ ଉପସ୍ଥିତ ବହୁ ମହିଳା କାନ୍ଦୁଥିବାର ଦେଖଯାଇଥିଲା ।ହଜାର ହଜାର ମହିଳାଙ୍କ ଆଶୀର୍ବାଦ, ସ୍ନେହ,ଶ୍ରଦ୍ଧା ଓ ଭଲପାଇବାକୁ ଜୀବନରେ ବଞ୍ଚିଥିବା ପର୍ଯ୍ୟନ୍ତ ଭୁଲିପାରିବେ ନାହିଁ ବୋଲି କହୁଥିବା ବେଳେ, ସେମାନଙ୍କ ସୁଖ ଦୁଃଖ ରେ ରହିବେ ବୋଲି ଶପଥ ନେଇଥିଲେ । ହଠାତ ଏହି ସମୟରେ ,ସେ ମଧ୍ୟ ଭୋ ଭୋ ହୋଇ କାନ୍ଦିବାରୁ ଏଭଳି ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

# ‘ଭାବ ବନ୍ଧନ’ ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ



ଉଦଳା , ୨୧/୫ (ନି.ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ନୁଦଡ଼ିହା - ପିଙ୍ଗୁ ଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ରଥଯାତ୍ରା ଅବସରରେ ପ୍ରକାଶ ପାଉଥିବା ଆଧ୍ୟାତ୍ମିକ ପତ୍ରୀକା ‘ଭାବବନ୍ଧନ’ ପ୍ରକାଶ ପାଇବ । ଏଥିପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ସୁଧାଂଶୁ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଭୋଳାନାଥ ସାହୁ ଉକ୍ତ ପତ୍ରିକାର ମୁଖ୍ୟ ସଂପାଦକ ଏବଂ ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ସହସଂପାଦକ ଦାୟିତ୍ୱ ତୁଲାଇବା ପାଇଁ ବୈଠକରେ ନିଷ୍ପତି ହୋଇଛି । ତାଛଡ଼ା ପତ୍ରିକା ପାଇଁ ଲେଖା ସଂଗ୍ରହର ଦାୟିତ୍ୱ ମନୋରଂଜନ ମଲ୍ଲିକ ଓ ସର୍ବେଶ୍ୱର ବାରିକଙ୍କୁ ପ୍ରଦାନ କରାଯାଇଛି । ପତ୍ରିକାରେ ସ୍ଥାନିତ ହେବା ପାଇଁ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମର ଫୋଟ ସଂଗ୍ରହର ଦାୟିତ୍ୱ ମନ୍ଦିର ପରିଚାଳନା କମିଟିର ସଂପାଦକ ନକୁଳ ଜେନାଙ୍କୁ ଅର୍ପଣ କରାଯାଇଛି । ଚଳିତ ମଇ ମାସ ଶେଷ ସୁଦ୍ଧା ଲେଖା ଓ ଫୋଟ ସଂଗ୍ରହ କାମ ସାରିବାକୁ ମୁଖ୍ୟ ସଂପାଦକ କହିଛନ୍ତି । ବାହୁଡ଼ା ଯାତ୍ରାରେ ପତ୍ରିକା ଉନ୍ମୋଚନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଶେଷରେ ପ୍ରଫୁଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିବା ପରେ ପ୍ରସ୍ତୁତି ବୈଠକର ପରିସମାପ୍ତି ଘଟିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo